

ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



# ଦର୍ଶନ ମିଳିଲାନି, ଦୁଃଖରେ ଫେରିଲେ ଭକ୍ତ



ପୁରୀ ଅଫିସ: ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଉପୁଜିଥିବା ବିବାଦର ଶିକାର ହୋଇଛନ୍ତି ହଜାର ହଜାର ଭକ୍ତ। ବହୁ ଦୂରଦୂରାନ୍ତରୁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ଭକ୍ତମାନେ ଦୀର୍ଘ ସମୟ ଧରି ସିଂହଦ୍ୱାରରେ ଅପେକ୍ଷା କରିବା ପରେ ଦ୍ୱାର ଫିଟି ନ ଥିଲା। ଏହାପରେ ଅରୁଣସ୍ତମ୍ଭ ନିକଟରେ ମୁଣ୍ଡିଆ ମାରି ବହୁ ଭକ୍ତ ଫେରିଯାଇଥିବା ବେଳେ ଅନେକ ଲୁହ ଗଡ଼ାଇଥିଲେ। ଏମିତି ଏକ ତିକ୍ତ ଅନୁଭୂତି ନେଇ ଭକ୍ତମାନେ ଫେରିଯାଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କ ମତାମତକୁ ନେଇ ଆମର ଉପସ୍ଥାପନା।...

## ସମାଧାନ ବାଟ ବାହାର କରାଯାଉ



ଶ୍ରୀମନ୍ଦିରରେ କୌଣସି ସମସ୍ୟା ହେଲେ ତାହାର ସମାଧାନ ବାଟ ବାହାର କରାଯାଉ। ଭକ୍ତଙ୍କୁ କାହିଁକି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ କରାଯାଉଛି। ବାରମ୍ବାର ଏଭଳି ଘଟଣା ଘଟୁଛି। କୌଣସି ବିଶୃଙ୍ଖଳା ହେଲେ ଏହାର ପ୍ରଭାବ ସିଧାସଳଖ ଭକ୍ତଙ୍କ ଉପରେ ପଡୁଛି। ଦେଶର ଅନ୍ୟ କୌଣସି ସ୍ଥାନରେ ଏଭଳି ସମସ୍ୟା ନାହିଁ।

- ସନ୍ଦୀପ ଚକ୍ରବର୍ତ୍ତୀ, କୋଲକାତା

## ଶ୍ରୀମନ୍ଦିର କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ



ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀମନ୍ଦିର କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। କୋଟି କୋଟି ଭକ୍ତଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଦିନସାରା ଭୋକରେ ରହିଛନ୍ତି। ସହସ୍ରାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଫେରିଯାଇଛନ୍ତି। ମୋ ପରିବାର ମହାପ୍ରଭୁଙ୍କ ଦର୍ଶନ ସାରି ମହାପ୍ରସାଦ ସାରି ଫେରିବାର ଯୋଜନା କରିଥିଲୁ। ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲୁ। ଶ୍ରୀମନ୍ଦିର ଭିତର ବେଢ଼ା ପରିସରକୁ ଦର୍ଶନ ଲାଗି ମଧ ଛଡ଼ାଗଲା ନାହିଁ। ଆଗରୁ କେବେ ବି ଏଭଳି ଅନୁଭବ କରିନାହିଁ।

- ମହେନ୍ଦ୍ର କୁମାର, ଉତ୍ତରପ୍ରଦେଶ

## ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲି



ବହୁଦିନ ପରେ ଶ୍ରୀକ୍ଷେତ୍ର ଆସିଥିଲି। ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି ଫେରିବାର ଯୋଜନା କରିଥିଲି। ମହାପ୍ରସାଦ ତ ଦୂରର କଥା, ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲି। ଶ୍ରୀମନ୍ଦିର ପରିଚାଳନାରେ ପ୍ରଶାସନର ସ୍ଥାଣୁତାକୁ ନେଇ ମୁଁ ବିଶେଷ ମର୍ମାହତ। ଶ୍ରୀମନ୍ଦିର ପ୍ରଶାସନ ନୀରଦଦ୍ରଷ୍ଟା ସାଜିବା ପରିବର୍ତ୍ତେ ଏହାର ସ୍ଥାୟୀ ସମାଧାନ କରିବା ଉଚିତ।

- ସତ୍ୟ ନାରାୟଣ ସାହୁ, ଯାଜପୁର

## ମାନସ ମନ୍ଥନ କରିବା ଆବଶ୍ୟକ



ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରଥମ ଥର ଲାଗି ସପରିବାର ଆସିଥିଲୁ। ମହାପ୍ରଭୁଙ୍କ ଦର୍ଶନ କରିପାରିଲୁ ନାହିଁ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଜାଣିବାକୁ ପାଇଲି ଯେ, ସେବାୟତ ଓ ପୋଲିସ ବିବାଦ ଯୋଗୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। କୋଟି କୋଟି ଭକ୍ତଙ୍କ ଧାର୍ମିକ ଭାବନା ସହ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତ ଖେଳୁଛନ୍ତି। ସାମାନ୍ୟ କୌଣସି ସମସ୍ୟା ଲାଗି ଭକ୍ତଙ୍କୁ ଦର୍ଶନରୁ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ, ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତ ଉଭୟ ମାନସ ମନ୍ଥନ କରିବା ଆବଶ୍ୟକ।

- ବିଶ୍ୱନାଥ ବାନାର୍ଜୀ, କୋଲକାତା

## ପ୍ରଶାସନର ଦୁର୍ବଳତା ବାରି ହୋଇପଡୁଛି



ଶ୍ରୀମନ୍ଦିରରେ ଏହା ଆଜି ନୂଆ ଘଟଣା ନୁହେଁ। ପ୍ରଶାସନ ଏବଂ ସେବାୟତଙ୍କ ମଧ୍ୟରେ କୌଣସି ସମସ୍ୟା ହେଲେ ନୀତି ବନ୍ଦ। ନୀତି ବନ୍ଦ ହେଲେ ଦର୍ଶନ ବି ବନ୍ଦ। ଏଭଳି ସମସ୍ୟା ଆଉ କେତେଦିନ ଧରି ଚାଲିଥିବ। ଶ୍ରୀମନ୍ଦିର ପରିଚାଳନା ନେଇ କେହି ଚିନ୍ତିତ ନୁହନ୍ତି। ଏଥିରୁ ପ୍ରଶାସନର ଦୁର୍ବଳତା ବାରି ହୋଇପଡୁଛି।

- ପ୍ରଭାକର ପଲାଇ, ଭୁବନେଶ୍ୱର

## କେହି ଚିନ୍ତା କରୁନାହାନ୍ତି



ମୁଁ ମହାପ୍ରଭୁଙ୍କ ଦର୍ଶନ ନ କଲେ ଅନ୍ନଜଳ ସ୍ପର୍ଶ କରି ନ ଥାଏ। କୋଟି କୋଟି ଭକ୍ତଙ୍କ ଆରାଧ୍ୟ ଦେବତା ଦିନସାରା ଭୋକ ଉପାସରେ ରହିଲେ। ମୋ ପ୍ରଭୁ କିଛି ଖାଇନାହାନ୍ତି। ଏଥିପ୍ରତି କେହି ଚିନ୍ତା କରୁନାହାନ୍ତି। ଆଗକୁ ନୂଆବର୍ଷ ରହିଛି। ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିବ। ଯଦି ଏଭଳି ସମସ୍ୟା ଲାଗିରହେ, ତେବେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବେ।

- ସଞ୍ଜୁକ୍ତା ପଟ୍ଟନାୟକ, ପୁରୀ

## ଶ୍ରୀଜଗନ୍ନାଥଙ୍କୁ ନେଇ ଖେଳ ଚାଲିଛି



ଶ୍ରୀକ୍ଷେତ୍ରକୁ ପ୍ରଥମ ଥର ଲାଗି ଆସିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅନ୍ୟାନ୍ୟ ସ୍ଥାନ ବୁଲିବା ଯୋଜନା କରିଥିଲି। ଦୀର୍ଘ ସମୟ ଧରି ସିଂହଦ୍ୱାର ନିକଟରେ ଅପେକ୍ଷା କରିବା ପରେ ସନ୍ଧ୍ୟାରେ ଶ୍ରୀମନ୍ଦିର ଭିତରକୁ ଛଡାଯାଇଥିଲା। ମୁଁ ଯେତିକି ଉତ୍ସାହିତ ତା'ଠାରୁ ଅଧିକ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଖେଳ ଚାଲିଛି। ଏହାର ତର୍ଜମା ହେବା ଉଚିତ।

- ସନ୍ତୋଷ କୁମାର ଶର୍ମା, ଉତ୍ତରପ୍ରଦେଶ

## ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱହୀନତା ଦାୟୀ



ଏହି ସମସ୍ୟା ଲାଗି ସମ୍ପୂର୍ଣ୍ଣ ଭାବେ ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱହୀନତା ଦାୟୀ। ଯଦି ସେବାୟତ ଓ ପୋଲିସ ମଧ୍ୟରେ କୌଣସି ବିବାଦ ରହିଛି, ତେବେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବା ଉଚିତ। ଏତେ ଦୂରରୁ ଆସିଛୁ, ମହାପ୍ରଭୁଙ୍କ ଦର୍ଶନ ଲାଗି କୌଣସି ବ୍ୟବସ୍ଥା ନାହିଁ। ଶ୍ରୀମନ୍ଦିରର ଶୃଙ୍ଖଳିତ ନୀତି ଲାଗି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଆବଶ୍ୟକ ହୋଇପଡିଛି।

- ଲକ୍ଷ୍ମୀ ନାରାୟଣ ସୋନି, ଜୟପୁର, ରାଜସ୍ଥାନ

ଫାଇନାନ୍ସରେ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ କରାଇ ଦେବା ଆଳରେ ଠକେଇ

## ଧରାପଡିଲେ ହାଇଟେକ୍ ଠକ: ୬ଫ୍ରିଜ୍, ୪ଏସି ଜବତ

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ): ଲୋକଙ୍କୁ ଫାଇନାନ୍ସରେ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ କରାଇଦେବା ଆଳରେ ଜଣେ ଯୁବକ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଭିନବ ଉପାୟରେ ଠକେଇ କରିଛନ୍ତି। କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହାସହ ପୋଲିସ ତାଙ୍କ ନିକଟରୁ ୬ଟି ଫ୍ରିଜ୍, ୪ଟି ଏସି ଓ ଅନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତଙ୍କ ଘର ଖଣ୍ଡଗିରି ଆଇଗିଣିଆ ଅଞ୍ଚଳରେ। ସୂଚନା ଅନୁଯାୟୀ, ଯୁବକ ଜଣକ ଫାଇନାନ୍ସରେ ସାମଗ୍ରୀ କରାଇ ଦେବାକୁ କହି ଲୋକଙ୍କଠାରୁ ଆବଶ୍ୟକ କାଗଜପତ୍ର ନେଇଥାନ୍ତି। ଯୁବକ ଜଣକ ଉକ୍ତ କାଗଜପତ୍ର ନେଇ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ଏକ ଫାଇନାନ୍ସ କମ୍ପାନୀରେ ଫାଇନାନ୍ସ କରିଥାଏ। ଏହା ପରେ ଫାଇନାନ୍ସ କାଗଜପତ୍ର ଧରି ସେ ବାପୁଜୀନଗରରେ ଥିବା ଇଲୋକ୍ଟ୍ରୋନିକ୍ସ ଶୋ'ରୁମ୍‌ରୁ ସାମଗ୍ରୀ ନେଇଥାନ୍ତି। କିନ୍ତୁ ଉକ୍ତ ସାମଗ୍ରୀକୁ ସେ ଫାଇନାନ୍ସ କରିଥିବା ବ୍ୟକ୍ତିଙ୍କୁ ନ ଦେଇ ନିଜେ ନେଇ ଅନ୍ୟଙ୍କୁ ବିକ୍ରି କରିଥାନ୍ତି। ଏହିଭଳି ସେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଠକେଇ କରିଛନ୍ତି। ଫାଇନାନ୍ସରେ ସାମଗ୍ରୀ ନେଇଥିବା ବ୍ୟକ୍ତିମାନେ ଟଙ୍କା ନ ଦେବାରୁ ଫାଇନାନ୍ସ କମ୍ପାନୀର ସନ୍ଦେହ ହୋଇଥିଲା। ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ କମ୍ପାନୀ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲା।

## ହୁକା ବାରରେ ଚଢାଉ, ୨୦ପେଟି ଦାମୀ ମଦ ଜବତ

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ହୁକା ବାରରେ ଅବକାରୀ ବିଭାଗ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରିଛି। ପୋଲିସ ସେଠାରୁ ୨୦ପେଟି ଦାମୀ ମଦ ଜବତ କରିବା ସହ ହୁକା ବାରର ମ୍ୟାନେଜରଙ୍କୁ ଉଠାଇ ନେଇଛି। ସୂଚନା ମୁତାବକ, ନୂଆବର୍ଷରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ହୁକା ବାର ଗୁଡିକରେ ମଦ ବିକ୍ରୀ କରାଯାଉଥିଲା। ହୁକା ବାରରେ ମଦ ବିକ୍ରୀ କରିବା ନେଇ ଲାଇସେନ୍ସ ନ ଥାଇ ଉକ୍ତ ହୁକା ବାରରେ ମଦ ବିକ୍ରୀ କରାଯାଉଥିବା ଅବକାରୀ ବିଭାଗ ନିକଟରେ ଖବର ପହଞ୍ଚିଥିଲା।



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମେଳାକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।

ଆରମ୍ଭ ହେଲା ଦ୍ୱାଦଶ ତୋଷାଳୀ ଜାତୀୟ କ୍ରାଫ୍ଟସ୍ ମେଳା

## ସମୃଦ୍ଧ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଛି ହସ୍ତକଳା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ) ପୁରୁଷାନୁକ୍ରମିକ ଭାବେ ଓଡ଼ିଶାର ହସ୍ତତନ୍ତ ତା'ର ସୁଦୀର୍ଘ ସମୃଦ୍ଧ ଏବଂ ଗୌରବମୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିପାରିଛି। ରାଜ୍ୟର ମାଣିଆବନ୍ଧ ଖଣ୍ଡୁଆ, ଇକତ୍, ହାବାସପୁରୀ, ବମ୍‌କେଇ ଓ ବ୍ରହ୍ମପୁରୀ ପାଟ ଭଳି ହସ୍ତତନ୍ତ ସର୍ବଶ୍ରେଷ୍ଠ ନିଦର୍ଶନ ହୋଇପାରିଛି। କେବଳ ହସ୍ତତନ୍ତ ନୁହେଁ, ପଟଚିତ୍ର, ତାଳପତ୍ର ପେଣ୍ଟିଂ, ଚାନ୍ଦୁଆ କାମ, ପ୍ରସ୍ତର ଖୋଦେଇ, ତାରକସି, ଡୋକ୍ରା, ଶିଙ୍ଘ କାମ, ଲାଖ କାମ ଭଳି ହସ୍ତଶିଳ୍ପ ଉତ୍କଳୀୟ କଳା ନୈପୁଣ୍ୟର ପରିଚୟ ଦେଉଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଶୁକ୍ରବାର ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ତ୍ରୟୋଦଶ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଛୁରିଆ ଏହା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ସଚିବ ଶୁଭା ଶର୍ମା କହିଥିଲେ, ଚଳିତବର୍ଷ ମେଳାରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଡିଜାଇନର୍‌ମାନଙ୍କ ନୂତନ ଡିଜାଇନ୍ ପ୍ରଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ବିଧାୟକ ବିଜୟ କୁମାର ମହାନ୍ତି, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ।

### ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ

ଉଦ୍‌ଘାଟନୀ ଉତ୍ସବରେ ୨୦୧୭ ମସିହା ପାଇଁ କୃତୀ ହସ୍ତଶିଳ୍ପୀମାନଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଏବଂ ଜୀବନବ୍ୟାପୀ ହସ୍ତଶିଳ୍ପ କୃତୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହିବର୍ଷ ଲାଗି ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ସ୍ୱୀକୃତି ସମ୍ମାନ ପୁରୀ ଜିଲାର ବିଶିଷ୍ଟ ଶଙ୍ଖ ଓ ଶାମୁକା ଶିଳ୍ପୀ ରଘୁନାଥ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ବେତ ଓ ବାଉଁଶ କଳା ପାଇଁ କଟକ ବାଙ୍କୀ ତାଳବସ୍ତ ଅଞ୍ଚଳର ଏକାଦଶୀ ବାରିକ, ତାଳପତ୍ର ଖୋଦେଇ ପାଇଁ ପୁରୀ ବେରବୋଇସ୍ଥିତ ହୁମର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଟସର କଳାକୃତି ପାଇଁ ସୁନ୍ଦରଗଡ଼ର ରାଜେନ୍ଦ୍ର ନାରାୟଣ ମେହେରଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଦିଆଯାଇଥିଲା। ସେହିଭଳି ଶିବ ନାରାୟଣ ଦାସ, ସରସ୍ୱତୀ ଦାସ, ମାଳତି ପ୍ରଧାନ ଓ ତରୁଲତା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୨ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାରେ ୨୫ଟି ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ବୁଣାକାର ଓ କାରିଗର ଯୋଗଦେଇଥିବା ବେଳେ ୩୮୦ ଷ୍ଟଲ ଖୋଲାଯାଇଛି।



ଏକ ଷ୍ଟଲରେ ପ୍ରଦର୍ଶିତ ହସ୍ତଶିଳ୍ପ ସାମଗ୍ରୀକୁ ଯୁବତୀ ଓ ମହିଳାମାନେ ବୁଲି ଦେଖୁଛନ୍ତି।








ହରିହର



ନିମେଶ



ଶୋଭନା



ମାମୁନି



ମାନସ



ଚିନ୍ମୟ



ଦାଶରଥି



କାହ୍ନା



ଦିପ୍ତୀମୟୀ



ମିହିର



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା। ଅଖଣ୍ଡ ସଂହିତା ପାଠ, ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଓ ଡ. ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମିଳନୀ, ଇଉ୍କଲ ଅଡିଟୋରିୟମ୍, ସକାଳ ୯ଟା ୩୦ରୁ ରାତି ୯ଟା।
- ରୁଚିକା ସୋସିଆଲ ସର୍ଭିସ୍ ଅର୍ଗାନାଇଜେଶନ ପକ୍ଷରୁ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର, ବିବେକାନନ୍ଦ ସ୍କୁଲ, ଏକାମ୍ର ବିହାର, ସାଲିଆ ସାହି, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ୪୭ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ୭ମ ସାହିତ୍ୟ ମେଳା, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦। ଦ୍ୱିତୀୟ ପର୍ବ, ଅପରାହ୍ନ ୩ଟା।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳନ, ସଂଗ୍ରହାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରର ରାଜ୍ୟସ୍ତରୀୟ ସମାରୋହ, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା।
- କାଞ୍ଚନ ଫାଉଣ୍ଡେଶନ ଏବଂ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ 'ଓଡ଼ିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ-୨୦୧୮', ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୧୮, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ଓୟୁଏଟି ଓ ସତ୍ୟସାଇ ଟ୍ରଷ୍ଟ, କଟକର ମିଳିତ ଆନୁକୂଲ୍ୟରେ ଭାରତୀୟ ଜଳବାୟୁ କଂଗ୍ରେସର ଉଦ୍‌ଯାପନୀ ଦିବସ, ଓୟୁଏଟି ସ୍ୱାମୀନାଥନ୍ ହଲ୍, ପୂର୍ବାହ୍ନ ୧୧ଟା ୩୦।
- ୧୩ତମ ତୋଷାଳୀ ଜାତୀୟ କ୍ରାଫ୍ଟସ୍ ମେଳା-୨୦୧୮, ଜନତା ମଇଦାନ, ଅପରାହ୍ନ ୨ଟା।
- ସ୍ୱଚ୍ଛ ଭାରତ ପଖ୍ୱାଡ଼ା, ଅ।ଇ ସି ଏ ଅ।ର୍-ସି ଫ। ଅଡିଟୋରିୟମ୍, କୌଶଲ୍ୟାଗଙ୍ଗ, ଅପରାହ୍ନ ୩ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ରୂପାନ୍ୱେଷ' ଏବଂ ସ୍ଲାଇଡ୍ ପ୍ରେଜେଣ୍ଟେଶନ୍ସ, ଏବିଜେଏ ଫାଉଣ୍ଡେଶନ, କେ୮/୫୪୬, କଳିଙ୍ଗ ନଗର, ବିଡିଏ ପାର୍କ ନିକଟ, ଅପରାହ୍ନ ୪ଟା।
- ସନ୍‌ରାଇଜ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ରୁଚିକା ମାର୍କେଟ ଦୁର୍ଗା ମଣ୍ଡପ, ବରମୁଣ୍ଡା, ଅପରାହ୍ନ ୪ଟା ୩୦।
- ଇଟିକିଲି ମିଟିକିଲି ଶିଶୁ-କଲ୍ୟାଣ ପାଣ୍ଠି ସଂଗ୍ରହ ଅବସରରେ ବିବାହ ସଙ୍ଗୀତର ବର୍ଣ୍ଣାଳୀ 'ବିବାହ-ବର୍ଣ୍ଣା', ସୂଚନା ଭବନ, ଅପରାହ୍ନ ୫ଟା।
- ଏନ୍‌ଆଇଏଟି କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିଷ୍ଠା ଦିବସ ଉତ୍ସବ, ମହର୍ଷି ମହିଳା ମହାବିଦ୍ୟାଳୟ, ଶୈଳଶ୍ରୀ ବିହାର, ସନ୍ଧ୍ୟା ୬ଟା। ରାମକଥା ଜ୍ଞାନଯଜ୍ଞ, ରାତି ୭ଟା ୩୦।
- ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ, ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ରେଡ୍ ଲାଇଭ୍ ବଲିଉଡ୍ ସିଙ୍ଗର କନସର୍ଟ-ମଲାଙ୍ଗ୍ ଶାନିଭାର୍ ୱିଥ୍ ସିଦ୍ଧାର୍ଥ ମହାଦେବନ୍, ଉତ୍କଳ ମଣ୍ଡପ, ରାତି ୭ଟା।

**ବାରଙ୍ଗ**

- ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୫୯ତମ ପ୍ରତିଷ୍ଠା ଦିବସ ପାଳନ, ନନ୍ଦନକାନନ ପରିସର, ପୂର୍ବାହ୍ନ ୧୧ଟା ୩୦।

■ ବିଜ୍ଞାପନରେ ଅଟକିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ରୋଗୀ ଜାଣିପାରୁନାହାନ୍ତି ରୂପରେଖ

**ଖୋର୍ଦ୍ଧା ଅଫିସ,୨୮।୧୨**

ଖୋର୍ଦ୍ଧା ଜିଲାରେ ବିଜ୍ଞାପନରେ ଅଟକି ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଯୋଜନାର ରୂପରେଖ କ'ଣ ଜଣାପଡୁ ନ ଥିବାରୁ ରୋଗୀମାନେ ଏହାର ସୁଫଳ ନେଇ ପାରୁନାହାନ୍ତି। ବରଂ ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ ଗୋଟିଏକୁ ଦୌଡି ରୋଗୀ ହଇରାଣ ହେଉଛନ୍ତି। ସମସ୍ତଙ୍କ ନିମନ୍ତେ ସମ୍ପୂର୍ଣ୍ଣ ମାଗଣା ସ୍ୱାସ୍ଥ୍ୟସେବା ରହିଛି ବୋଲି ସରକାର ଗଣମାଧ୍ୟମରେ ପ୍ରଚାର କରୁଛନ୍ତି। ହେଲେ କେଉଁମାନେ ଏଥିରେ ଉପକୃତ ହେବେ ସେନେଇ ସଚେତନତା କରାଯାଉନାହିଁ।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା(ଆରଏସ୍‌ବିୱାଇ) ୨୦୧୩ ରେ ଖୋର୍ଦ୍ଧା ଜିଲାରେ ୧, ୪୧, ୨୪୧ ବିପିଏଲ କାର୍ଡଧାରୀ ଉପକୃତ ହେଉଥିଲେ। ଏହା ପରିବାରର ୫ ଜଣଙ୍କ ସଦସ୍ୟଙ୍କ ପାଇଁ ଥିଲା। ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟ ଇନ୍ସୁରାନ୍ସ ମିଳୁଥିଲା। ତେବେ ୨୦୧୩ ରେ ଏହି ଯୋଜନାରୁ ୭୯, ୪୧୯ କାର୍ଡଧାରୀଙ୍କୁ ଅତିରିକ୍ତ ୭୦ ହଜାର ଟଙ୍କାର ସ୍ୱାସ୍ଥ୍ୟବୀମା ରାଜ୍ୟ ସରକାର ଯୋଗାଇ ଦେଇ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ) ଷ୍କିମ ୨ରେ ରଖିଥିଲେ। ଆରଏସ୍‌ବିୱାଇର ଅବଶିଷ୍ଟ ୬୧, ୮୨୨ କାର୍ଡଧାରୀ କେବଳ ୩୦ ହଜାର ଟଙ୍କାର ସୁବିଧା ନେଉଥିଲେ। ପରେ ପୁଣି ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ବିକେକେୱାଇ ୧ କରି ଜିଲାର ୧, ୧୨, ୪୨୨ କାର୍ଡ ବଣ୍ଟନ କରିଥିଲେ। ଏଥିରେ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଇନ୍ସୁରାନ୍ସ ପରିବାରର ୫ ଜଣ ପାଉଥିଲେ। ଜିଲାରେ ବିକେକେୱାଇ ୧ରେ ୧, ୧୨, ୪୨୨ ଓ ବିକେକେୱାଇ ୨ରେ ୭୯, ୪୧୯ ଏପରି ମୋଟରେ ୧, ୯୧, ୪୧୯ କାର୍ଡ ବଣ୍ଟନ ହୋଇଥିଲା। କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଲାଗୁ ପରେ ସମସ୍ୟା ଆରମ୍ଭ ହୋଇଛି। ଆରଏସ୍‌ବିୱାଇ ୩୧।୧୨।୧୮ରେ ବନ୍ଦ ହୋଇଯିବ। ଏଣୁ ରାଜ୍ୟ ସରକାର ଏହା ପୂର୍ବରୁ ବିକେକେୱାଇର ନାମ ପରିବର୍ତ୍ତନ କରାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କଲେ। ଏଥିରେ ଆରଏସ୍‌ବିୱାଇର ୧, ୪୧, ୨୪୧ କାର୍ଡଧାରୀଙ୍କ ମଧ୍ୟରୁ ୭୯, ୪୧୯ କାର୍ଡଧାରୀ ବିକେକେୱାଇ ୨ରେ ସାମିଲ ହୋଇଛନ୍ତି। ଅବଶିଷ୍ଟ ୬୧, ୮୨୨ କାର୍ଡଧାରୀଙ୍କୁ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି, ମ୍ୟୁନିସିପାଲିଟି କର୍ପୋରେଶନରେ କାର୍ଡ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହେଲେ ପରିବାର ପିଛା ଯଦି କାହାର ଶରୀର ଅସୁସ୍ଥ ହୁଏ ତେବେ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟ ଲାଗି ୭ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ମିଳିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡଧାରୀମାନେ ୧ ଲକ୍ଷ ଟଙ୍କା ପାଇ ସାରିବା ପରେ ଅବଶିଷ୍ଟ ୪ରୁ ୬ଲକ୍ଷ ଟଙ୍କା ଓଡ଼ିଶା ରାଜ୍ୟ ଟ୍ରିଟମେଣ୍ଟ ଫଣ୍ଡ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କାର୍ଡ ପାଇ ନ ଥିବା ପରିବାର ବାର୍ଷିକ ଇନକମ ସହରାଞ୍ଚଳରେ ୬୦ ହଜାରରୁ କମ ଓ ଗ୍ରାମାଞ୍ଚଳରେ ୫୦ ହଜାର ଟଙ୍କାରୁ କମ ଥିଲେ ଇନକମ ସାର୍ଟିଫିକେଟ କାଢି ଏହାର ସୁବିଧା ନେଇପାରିବ। ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ରାଜ୍ୟର ୨୦୮ ଘରୋଇ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ସେବା ଉପଲବ୍ଧ ରହିଛି। ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ନ ଥିବାବେଳେ ବୀମା କିସ୍ତି ଦେବାକୁ ପଡେ ନାହିଁ। ପଞ୍ଜୀକୃତ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମିତ୍ର ସେବା ଯୋଗାଇ ଦେବେ। ଅପରପକ୍ଷେ ସିଡିଏମ୍‌ଓ ୫୦ ହଜାର ପର୍ଯ୍ୟନ୍ତ, ଜିଲାପାଳ ୧ ଲକ୍ଷ ପର୍ଯ୍ୟନ୍ତ ଓ ଓଡିଶା ରାଜ୍ୟ ଟ୍ରିଟମେଣ୍ଟ ଫଣ୍ଡ ଅବଶିଷ୍ଟ ଟଙ୍କା ଦେବାକୁ ନିୟମ ରହିଛି।



ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନରେ ଆସିଥିବା ବଂଶଧାରା ଟ୍ରିବ୍ୟୁନାଲ ଟିମ୍‌ର ଅଧ୍ୟକ୍ଷ ଡ. ଏମ.କେ. ଶର୍ମା, ପ୍ରତିଭା ରାଣୀ, ବି.ଏନ୍. ଚତୁର୍ବେଦୀ ଓ ଅନ୍ୟମାନେ।

## ସ୍କାଉଟ୍ ଗାଇଡ୍ ମହାସମାବେଶରେ ବଜାରର ଭ୍ରମ

**ଖୋର୍ଦ୍ଧା ଅଫିସ,୨୮।୧୨**

ଖୋର୍ଦ୍ଧା ଶିଳ୍ପାଞ୍ଚଳର ବରୁଣେଇ ପୀଠ ନିକଟସ୍ଥ ଭାରତ୍ ସ୍କାଉଟ୍ ଓ ଗାଇଡ୍ ସଙ୍ଗଠନ ଦ୍ୱାରା ୨ୟ ଜନଜାତି ଓ ସପ୍ତଦଶ ସ୍କାଉଟ୍ ଗାଇଡ୍ ମହାସମାବେଶର ୩ୟ ଦିବସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୁଃସାହସିକତା ଦିବସରେ ସ୍କାଉଟ୍ ଓ ଗାଇଡ୍‌ମାନେ ନିଜର ଶାରୀରିକ କଳା କୌଶଳର ପାରିଦର୍ଶିତା ଦେଖାଇଥିଲେ। ପୂର୍ବାହ୍ନ ସାଢ଼େ ୯ଟାରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋ ରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍କାଉଟ୍ ଓ ଗାଇଡ୍‌ମାନଙ୍କର ଦୁଃସାହସିକ ପ୍ରତିଭାକୁ ଦେଖିଥିଲେ। ପରେ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ମଣ୍ଡଳର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଉଦ୍ଧାରକାରୀ ସରଞ୍ଜାମକୁ ନିରୀକ୍ଷଣ କରିବା ସହ ସେ ସମ୍ପର୍କରେ ପଚାରି ବୁଝିଥିଲେ ସ୍କାଉଟ୍ ଓ ଗାଇଡ୍‌ମାନେ। ଅପରାହ୍ନରେ ସ୍କାଉଟ୍ ଓ ଗାଇଡ୍‌ମାନେ ସ୍ୱକୀୟ ବଜାରରେ ସ୍ଥାନୀୟ ଅଞ୍ଚଳର ଉପକରଣ ପ୍ରଦର୍ଶନ କରିଥିଲେ। ପାରମ୍ପରିକ ବେଶପୋଷାକ ପରିଧାନ ଓ ଗ୍ରାହକଙ୍କୁ ଡାକିବାର କୌଶଳ ବଜାରର ଭ୍ରମ ସୃଷ୍ଟି କରିଥିଲା। ଏହାକୁ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭାରତ ସ୍କାଉଟ ଓ ଗାଇଡର ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ।

# ରେଲୱେ ପକ୍ଷରୁ ମକ୍‌ଡ୍ରିଲ

**ଜଟଣୀ, ୨୮।୧୨(ଡି.ଏନ.ଏ.)**



ମକ୍‌ଡ୍ରିଲ୍ ଅବସରରେ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ର ଆହତ ଯାତ୍ରୀଙ୍କୁ ଚିକିତ୍ସା କରାଯାଉଛି।

ଟ୍ରେନ୍ ଲାଇନଚ୍ୟୁତ ବା ଦୁର୍ଘଟଣାଗ୍ରସ୍ତ ହେଲେ ପରିସ୍ଥିତିର ମୁକାବିଲା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀ କେତେଦୂର ପ୍ରସ୍ତୁତ ରହିଛନ୍ତି ସେନେଇ ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ଶୁକ୍ରବାର ଏକ ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। ଡିଭିଜନ ଅନ୍ତର୍ଗତ ଛତ୍ରପୁର ଷ୍ଟେଶନରେ ଏହା ଅନୁଷ୍ଠିତ ହୋଇଥିଲା। ଏପରି ସ୍ଥିତି ଉପୁଜିଲେ ରେଲୱେ ପକ୍ଷରୁ ସାଇରନ୍ ବଜା ଯାଇଥାଏ। ଫଳରେ ସାଇରନ୍ ଶୁଣି ଦାୟିତ୍ୱରେ ଥିବା କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ଯିବାକୁ ପ୍ରସ୍ତୁତ ହୋଇ ପଡିଥାନ୍ତି। ଶୁକ୍ରବାର ମଧ୍ୟ ପୂର୍ବରୁ କାହାକୁ ଏ ନେଇ ଅବଗତ କରା ନ ଯାଇ ହଠାତ ସାଇରନ ବଜାଯାଇଥିଲା। ଫଳରେ କର୍ମଚାରୀମାନେ ଠିକଣା ସ୍ଥାନରେ ପହଞ୍ଚି ଛତ୍ରପୁର ଅଭିମୁଖେ ଯାଇଥିଲେ। ଏଥିରେ ରେଲୱେର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମେତ ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ମେଡିକାଲ ଟିମ୍ ଏଥିରେ ସାମିଲ୍ ହୋଇଥିଲେ। ଦୁର୍ଘଟଣା ସମୟରେ ବିକ୍ଷିପ୍ତ ଭଗ୍ନ ଅଂଶ ସ୍ଥାନାନ୍ତର, ଆହତ ଓ କୋଚ୍‌ରେ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର, ସ୍ୱାସ୍ଥ୍ୟ ସେବା ପ୍ରଦାନ, ଡାକ୍ତରଖାନାକୁ ପଠାଇବା, ଖାଦ୍ୟ ପ୍ରଦାନ, ଯାତ୍ରୀଙ୍କ ଲଗେଜକୁ ସୁରକ୍ଷିତ ରଖିବା ଆଦି ଉପରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ଏଥିରେ ଡିଭିଜନର ଏଡିଆର୍‌ଏମ୍ ରାଜକୁମାର, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲଙ୍ଗେ, ଜଟଣୀସ୍ଥିତ ରେଲୱେ ମେଡିକାଲର ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଏ.କେ. ପଟ୍ଟନାୟକ, ଏନ୍‌ଡିଆର୍‌ଏଫ୍‌ର ଇନ୍ସପେକ୍ଟର ଅମରନାଥ ସିଂ, ଓଡ୍ରାଫ୍‌ର କମାଣ୍ଡାଣ୍ଟ ଉଦୟ କୁମାର ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଭିଏସଏସ ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ୩୩ତମ ବାର୍ଷିକୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ବାର୍ଷିକୋତ୍ସବର ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲ୍‌କୋର ପରିଚାଳନା ନିର୍ଦ୍ଦେଶକ ଏସ.କେ. ରିମୋଟିଆ ଯୋଗଦେଇ ଶିକ୍ଷକ ଶିଶୁର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ନେଇଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଭି.ଆର.ପେଡିରେଡି ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦିକା ଡ.ବୀଣାପାଣି ରଥ ଉତ୍ତରୀୟ ପ୍ରଦାନ କରି ଅତିଥିଙ୍କୁ ସମ୍ମାନିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧ୍ୟକ୍ଷ କିଶୁଚାନ୍ଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟି ଶୋଭାକର ଦାସ ଫତେ ସିଂ, ବୀଣା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହାଣ୍ଡିଆ ବିକ୍ରିକୁ ନେଇ ବସ୍ତିରେ ଉତ୍ତେଜନା

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

**୨ ଗୋଷ୍ଠୀ ଥାନାର ଦ୍ୱାରସ୍ଥ**

ହାଣ୍ଡିଆ ବିକ୍ରି ସମୟକୁ ନେଇ ମଞ୍ଚେଶ୍ୱର ଥାନା ଅଧୀନ ତିୟୁଗୁଟୁ ବସ୍ତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇବାରୁ ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବସ୍ତିବାସିନ୍ଦାଙ୍କ ମଧ୍ୟରେ ଗୋଟିଏ ପକ୍ଷ ରାତି ୧୦ଟା ପର୍ଯ୍ୟନ୍ତ ହାଣ୍ଡିଆ ବିକ୍ରି କରିବାକୁ ଜିଦ ଧରିଥିବା ବେଳେ ଅପରପକ୍ଷ ସନ୍ଧ୍ୟା ପରେ ବିକ୍ରି ବନ୍ଦ କରିବାକୁ ଜିଦ ଧରିଛନ୍ତି। ଶୁକ୍ରବାର ସକାଳେ ବସ୍ତିର ଦୁଇ ଗୋଷ୍ଠୀ ଠେଙ୍ଗାବାଡି ଧରି ମୁହାଁମୁହିଁ ହେବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ବିବାଦର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ସନ୍ଧ୍ୟାରେ ଶତାଧିକ ମହିଳା ପୁରୁଷ ଥାନାରେ ଜମା ହୋଇ ଉଭୟଙ୍କ ପକ୍ଷ ରଖିଥିଲେ। ସେଠାରେ ମଧ୍ୟ ହୋହଲ୍ଲା ହେବାରୁ ପୋଲିସ ଆସନ୍ତା ରବିବାର ବିବାଦର ସମାଧାନ ଲାଗି ଆଲୋଚନା କରାଯିବ ବୋଲି କହିବାରୁ ଲୋକେ ଫେରିଯାଇଥିଲେ।

## ଜାନୁୟାରୀ ୪ରୁ ଶିଶୁପାଳଗଡ଼ ମହୋତ୍ସବ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଶିଶୁପାଳଗଡ଼ର ଦଶହରା ପଡ଼ିଆରେ ଆୟୋଜନ ହେବ ଶିଶୁପାଳଗଡ଼ ମହୋତ୍ସବ ୨୦୧୯। ପ୍ରତିବର୍ଷ ଭଳି ଏଥର ମଧ୍ୟ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ ନୃତ୍ୟ, ସଙ୍ଗୀତ ଓ ସାମରିକ କଳା। ଓଡ଼ିଆ ଟେଲି କଳାକାରମାନଙ୍କ ଦ୍ୱାରା ପରିବେଷଣ ହେବ ନାଟକ 'ଖାରବେଳ'। ଚଳିତବର୍ଷ ଗ୍ରନ୍ଥକାର ଡ. ଭାଗ୍ୟଲିପି ମଲ୍ଲଙ୍କୁ ସମ୍ମାନଜନକ 'ଶିଶୁପାଳଗଡ଼ ସମ୍ମାନ-୨୦୧୯' ଏବଂ ଜୁଡୋ କରାଟେ ଚାମ୍ପିୟନ ଆଲିଶା ସୁବୁଦ୍ଧିଙ୍କୁ 'ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ଏ ନେଇ ଶୁକ୍ରବାର ସ୍ଥାନୀୟ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି।

■ ୬୧ତମ ପ୍ରତିଷ୍ଠା ଦିବସ ପାଳିବ ରାଜ୍ୟ ସଂଗ୍ରହାଳୟ

# ପ୍ରଦର୍ଶନ ହେବ ବହୁ ବିରଳ, ପୁରାତନ ସାମଗ୍ରୀ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

**ଉଦ୍‌ଘାଟନ ହେବ ସ୍ମାର୍ଟ ଟଏଲେଟ୍**

୬୧ତମ ବର୍ଷରେ ପଦାର୍ପଣ କରିଛି ରାଜ୍ୟ ସଂଗ୍ରହାଳୟ। ଅନେକ ପୁରାତନ ଓ ବିରଳ ବସ୍ତୁକୁ ସାଇତି ରଖିଥିବା ଏହି ସଂଗ୍ରହାଳୟ ଶନିବାର ତା'ର ୬୧ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ଏହି ଅବସରରେ ପ୍ରଥମ ଥର ପାଇଁ ସ୍ମାର୍ଟ ଟଏଲେଟ୍ ସହ ଆକର୍ଷଣୀୟ ସ୍ଥାପତ୍ୟ ଉଦ୍ୟାନ ଓ ମ୍ୟୁଜିୟମ୍ ଲୋଗୋ ଲୋକାର୍ପଣ ହେବ। ଏହାସହ ରାଜ୍ୟ ଓ ରାଜ୍ୟ ବାହାରୁ ସଂଗୃହୀତ ବହୁ ବିରଳ ସାମଗ୍ରୀକୁ ସଂଗ୍ରହାଳୟ ମଧ୍ୟରେ ପ୍ରଦର୍ଶନ କରାଯିବ।

ରାଜ୍ୟ ସଂଗ୍ରହାଳୟରେ ଆରମ୍ଭ ହେବାକୁ ଯାଉଛି ସ୍ମାର୍ଟ ଟଏଲେଟ୍ ବ୍ୟବସ୍ଥା। ଦିନକୁ ଦିନ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏବଂ ସବୁବର୍ଗର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଟଏଲେଟ୍ ନିର୍ମାଣ କରାଯାଇଥିବା ସଂଗ୍ରହାଳୟ ଅଧୀକ୍ଷିକା ଡ. ଜୟନ୍ତୀ ରଥ କହିଛନ୍ତି। ସେହିଭଳି ସଂଗ୍ରହାଳୟ ଉଦ୍ୟାନକୁ ପୂର୍ବାପେକ୍ଷା ଆହୁରି ଆକର୍ଷଣୀୟ କରାଯାଇଛି। ବହୁ ପୁରାତନ ଓ ଭଗ୍ନ ମୂର୍ତ୍ତିକୁ ଉଦ୍ୟାନ ମଧ୍ୟରେ ରଖାଯାଇ ଏହାକୁ ସ୍ଥାପତ୍ୟ ଉଦ୍ୟାନରେ ପରିଣତ କରାଯାଇଛି। ଗଡ଼ ରୂପାସର ପୂର୍ବତନ ଜମିଦାର ପୁରୁଷୋତ୍ତମ ରାୟ ବ୍ୟବହାର କରୁଥିବା ଶିଶୁ କାଠରେ ନିର୍ମିତ ୨୦୦ବର୍ଷ ତଳର ପୁରୁଣା ସିନ୍ଦୁକ ସଂଗ୍ରହାଳୟ ସହ ଯୋଡ଼ିହୋଇଛି। ରେଢ଼ାଖୋଲ ରାଜ ପରିବାର ବ୍ୟବହାର କରୁଥିବା କିଛି ବିରଳ ଓ ଭିନ୍ନ ଧରଣର ସାମଗ୍ରୀକୁ ମଧ୍ୟ ଏଠାକୁ ଅଣାଯାଇଛି। ସେହିଭଳି ମୀନାକ୍ଷୀ ଷଡ଼ଙ୍ଗୀ ଓ ନୃସିଂହ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଦତ୍ତ ଗୃହସଜ୍ଜା ସାମଗ୍ରୀକୁ ସ୍ଥାନିତ କରାଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାକୁ ଲୋକାର୍ପଣ କରିବେ ବୋଲି ଡ. ରଥ ସୂଚନା ଦେଇଛନ୍ତି।

## ଟାଇମ୍‌ପାସ୍ ପୁସ୍ତକ ପର୍ବ ପ୍ରାର୍ଥନା ଚାନ୍ଦଙ୍କ 'ଥ୍ରୁ ଦ ଚେନ୍‌ସ' ଲୋକାର୍ପିତ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଜୀବନରେ ହସ, ଲୁହ, ଭାବ ଅଭାବ, ସଂଘର୍ଷ, ସହାନୁଭୂତି, ପ୍ରେମ ପ୍ରତାରଣା ଏକାଠି ଗୋଟିଏ ଚେନ୍‌ରେ ବନ୍ଧାହୋଇ ରହିଛି। ଏହି ଭଲ ଓ ମନ୍ଦର ବନ୍ଧନ ଭିତରେ ହିଁ ଜୀବନର ଅସଲ ସ୍ୱାଦ ଲୁଚି ରହିଛି ବୋଲି ନିଜ ଦ୍ୱିତୀୟ ଇଂଲିଶ କବିତା ସଂକଳନ 'ଥ୍ରୁ ଦ ଚେନ୍‌ସ' ଲୋକାର୍ପଣ ଉତ୍ସବରେ କହିଛନ୍ତି ଯୁବ କବୟିତ୍ରୀ ପ୍ରାର୍ଥନା ଚାନ୍ଦ। 'ଟାଇମ୍‌ପାସ୍' ଦ୍ୱାରା ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ପୁସ୍ତକକୁ ଲୋକାର୍ପଣ କରିଥିଲେ କବି ସୌଭାଗ୍ୟ କୁମାର ମିଶ୍ର। ଅତିଥି ଭାବେ ଅନୁବାଦକ ରୋହିଣୀକାନ୍ତ ମୁଖାର୍ଜୀ, କଥାକାର ଡ. ଗୌରହରି ଦାସ, କବି ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ କହିଥିଲେ। ଉତ୍ସବର ଆବାହକ ସରୋଜ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କବି ପବିତ୍ର ମୋହନ କର।

## ଡ୍ରିମ୍‌ସ୍କେପ୍-୨୦୧୮ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ) ସ୍କୁଲର ୪୪ତମ ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍- ୨୦୧୮' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର୍ ପଦ୍ମଶ୍ରୀ ଡ. ସୁବ୍ରତ କୁମାର ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କ ଆନୁଷଙ୍ଗିକ ଗୁଣ ବା ଦକ୍ଷତା ସେମାନଙ୍କୁ ସଫଳ କରେ ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟିର ଚେୟାରମ୍ୟାନ୍ ରଘୁନାଥ ମିଶ୍ର ପିଲାମାନଙ୍କର ସରଳତା ଦକ୍ଷତା ପ୍ରତିପାଦନ କରେ ଓ ଏଥିପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ମ୍ୟାନେଜର ପ୍ରତାପ କୁମାର ଜେନା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସୁଯୋଗ ଓ ପ୍ରୋତ୍ସାହନ ଦ୍ୱାରା ପ୍ରକାଶିତ ହୁଏ, ତେଣୁ ନିଷ୍ଠାର ସହ କର୍ତ୍ତବ୍ୟ କରିବାକୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଆଡିଶନାଲ୍ ମ୍ୟାନେଜର୍ ଚିତ୍ତରଞ୍ଜନ ବୈରିଶାଲ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଜେଇଏମ୍ ବ୍ଲୁ ପୁରସ୍କାର ପ୍ରତିଷ୍ଠା ବୈରିଶାଲ୍ ଓ ଶ୍ରେଷ୍ଠ ଶିକ୍ଷାର୍ଥୀ ସମ୍ମାନ ଶ୍ୱେତା ସୌନ୍ଦର୍ଯ୍ୟା ଦାସଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନନ୍ଦନକାନନରେ ନାବାଳକ ନିଖୋଜ

**ବାରଙ୍ଗ,୨୮।୧୨(ଡି.ଏନ୍.ଏ.)**

ନନ୍ଦନକାନନରେ ଜଣେ ୧୪ବର୍ଷର ନାବାଳକ ନିଖୋଜ ହୋଇଥିବାର ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଥିବା ଦେଓଗଡ଼ ଜିଲା ରତନପୁର ଥାନା ଅନ୍ତର୍ଗତ କୁଣ୍ଡଇଜୋଲା ଗ୍ରାମର ସୁଶୀଲ ମାଝି ସପରିବାରେ ଗୁରୁବାର ନନ୍ଦନକାନନକୁ ବୁଲିବାକୁ ଆସିଥିଲେ। ନଦିଆରାଣୀ ନାମକ ବସ ଯୋଗେ ଏହି ଗ୍ରାମର ୪୦ଜଣଙ୍କ ସହ ସୁଶୀଲ ଆସିଥିଲେ। ନନ୍ଦନକାନନ ବସଷ୍ଟାଣ୍ଡରେ ବସରୁ ଓହ୍ଲାଇ ନନ୍ଦନକାନନକୁ ବୁଲିବାକୁ ଯାଇଥିଲେ। ବୁଲିସାରି ସନ୍ଧ୍ୟାରେ ଫେରିବା ବେଳେ ବସ ପାଖରେ ପୁଅ ସୋନୁକୁ ପାଇ ନ ଥିଲେ। ନିକଟସ୍ଥ ଅଞ୍ଚଳରେ ବହୁ ଖୋଜାଖୋଜି ପରେ ବାପା ସୁଶୀଲ ନିରାଶ ହୋଇ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବାସହ ଖୁବଶୀଘ୍ର ସୋନୁର ପତ୍ତା ମିଳିଯିବ ବୋଲି ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।

# ଆଧୁନିକ ନୃତ୍ୟଗୀତରେ ଦର୍ଶକ ବିଭୋର

**ଖୋର୍ଦ୍ଧା ଅଫିସ/ବୋଲଗଡ, ୨୮।୧୨(ଡି.ଏନ.ଏ.)**

**ବୋଲଗଡ଼ ମହୋତ୍ସବ**



ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ବୋଲଗଡ ମହୋତ୍ସବ ଆଶାର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ମୁକ୍ତାକାଶ ମଞ୍ଚରେ ଖୋର୍ଦ୍ଧାର ଗୌରୀ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଆଧୁନିକ ନୃତ୍ୟ, ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ଭେଟି ଦେଇଥିଲେ। ଆଧୁନିକ ନୃତ୍ୟଗୀତରେ ଦର୍ଶକ ବିଭୋର ହୋଇଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକାଙ୍କ ସହ ଛୋଟ ଛୋଟ ଝିଅମାନେ ନାଚଗୀତରେ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲେ। ପ୍ରଥମ ପାଖୁଡାରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋଡିଆଳି ଗ୍ରାମର ବଂଶୀଧର ଦେବତା ଓ ସାଥୀଙ୍କ ପକ୍ଷରୁ ଭାରତଲୀଳା ପରିବେଷଣ କରାଯାଇଥିଲା। ସେହିପରି ମୁଗମଣ୍ଡା ବାଲୁଙ୍କେଶ୍ୱର ସଂସ୍କୃତି ପରିବାର ଖଞ୍ଜଣୀ ଭଜନରେ ଚମ୍ପୁ, ଛାନ୍ଦ, ଓଡିଶୀ, ରାଜସ୍ଥାନର ଲୋକନୃତ୍ୟ ଓ ଭୁବନେଶ୍ୱର ଅଙ୍ଗରାଗ ଅନୁଷ୍ଠାନ କଳାକାରଙ୍କ ଓଡ଼ିଶୀ ନୃତ୍ୟ, କନ୍ଧମାଳର ପ୍ରଗତି କଲଚରାଲ ଉଇଙ୍ଗ କଳାକାରଙ୍କ ଆଦିବାସୀ ନୃତ୍ୟ, ପୁରୀରୁ ଆସିଥିବା ଏସ୍‌ଏମ୍ ମଡର୍ନ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ଡ୍ୟାନ୍ସ ପରିବେଷିତ ହୋଇଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଯୁବନେତା ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା କୋଷାଧ୍ୟକ୍ଷ ସନାତନ ପାଟଶାଣୀ, ସାମାଜିକ କର୍ମୀ ସୁଶ୍ରୀ ଗୌରୀ ଦେବୀ, ଅମ୍ବିକା ପ୍ରସାଦ ମହାନ୍ତି, ସଚ୍ଚି ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବୋଲଗଡ ସମ୍ମାନ ଶିକ୍ଷା କ୍ଷେତ୍ରରେ ରଙ୍କନିଧି ବଳିୟାରସିଂହ, ସମାଜସେବାରେ ସୀମାଞ୍ଚଳ ଖଣ୍ଡାଇ, ଖବରଦାତା ଦୁର୍ଗାପ୍ରସାଦ ଦାସ, କଳାକାର ବିଜୟ କୁମାର ଚୌଧୁରୀ, କ୍ରୀଡା କ୍ଷେତ୍ରରେ କୃଷ୍ଣଚନ୍ଦ୍ର ମହାରଣାଙ୍କୁ ବୋଲଗଡ ସମ୍ମାନ ପ୍ରଦାନ କରାଯାଇଛି। ପଦ୍ମନାଭ ପରିଡାଙ୍କ ଲିଖିତ ଦୀପଶିଖା ପୁସ୍ତକ ଓ ତିମିର ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ ମୁଠାଏ ସାଉଁଟା ଫୁଲ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂସ୍କୃତି ବିଭାଗର ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲାବେଳେ ମହୋତ୍ସବର ମଞ୍ଚ ଶୃଙ୍ଖଳା ସମ୍ପାଦକ ସଞ୍ଜୀବ କୁମାର ସାହୁ ଓ ଶଙ୍କର ସିଂହ ସଂଯୋଜନା କରିଥିଲେ।

## ସିଗାରେଟ ଟାଣିବାକୁ ବିରୋଧ କରିବାରୁ ଦୋକାନୀଙ୍କୁ ଖଣ୍ଡାଚୋଟ

**ଭୁବନେଶ୍ୱର,୨୮।୧୨ (ବ୍ୟୁରୋ)**

ଗଙ୍ଗନଗର ଛକରେ ଥିବା 'ବ୍ରେକସ୍ ଡିଲାଇଟ୍' ଦୋକାନ ମାଲିକଙ୍କୁ କେତେଜଣ ଦୁର୍ବୃତ୍ତ ଶୁକ୍ରବାର ରାତିରେ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଏହାସହ ଦୋକାନୀଙ୍କ ପୁଅଙ୍କୁ ମଧ୍ୟ ମାଡ଼ ମାରିଛନ୍ତି। ଆକ୍ରମଣରେ ଦୋକାନୀ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ରାତି ପ୍ରାୟ ୯ଟା୧୦ ସମୟରେ ଦୋକାନୀ ଦୋକାନରେ ବସିଥିଲେ। ଏହି ସମୟରେ ୪ଜଣ ଯୁବକ ଆସି ଦୋକାନ ଆଗରେ ସିଗାରେଟ୍ ଲଗାଇଥିଲେ। ଦୋକାନୀ ଏହାକୁ ବିରୋଧ କରିବା ସହ ବାହାରେ ସିଗାରେଟ ଟାଣିବାକୁ କହିଥିଲେ। ଏଥିରେ ଦୁର୍ବୃତ୍ତମାନେ ରାଗିଯାଇ ଏକ ଖଣ୍ଡାରେ ତାଙ୍କ ବାମ ହାତକୁ ଚୋଟ ମାରିଥିଲେ। ଏହାକୁ ଦୋକାନୀଙ୍କ ପୁଅ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ।

# ଡାଟା ଚୋରିକରି ୨ଇଞ୍ଜିନିୟର ଗିରଫ

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଡିଷ୍ଟ୍ରିକ୍ଟ ସେଣ୍ଟର ନିକଟରେ ଥିବା ଏକ ଘରୋଇ ସଫ୍ଟୱେୟାର କମ୍ପାନୀର ଡାଟା ଚୋରି କରିବା ଅଭିଯୋଗ ପୋଲିସ ଉକ୍ତ ସଂସ୍ଥାର ଦୁଇ ଇଞ୍ଜିନିୟରଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖର ମହାନ୍ତି ଓ ବିଭୁ ବେହେରା। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ-୫୨୩/୧୮ ଦଫା ୪୧୯,୪୨୦,୪୦୮,୪୬୮,୪୬୯,୫୦୬,୧୨୦(ବି)୬୬,୬୬(ଡି) ଏବଂ ଆଇଟି ଆକ୍ଟ ଲଗାଇ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖର ଓ ବିଭୁ ଉକ୍ତ ଘରୋଇ କମ୍ପାନୀରେ ସଫ୍ଟୱେୟାର ଡିଜାଇନିଂ ଓ ପ୍ଲାନିଂ କାମ କରନ୍ତି। ଏମାନଙ୍କ ହାତରେ କମ୍ପାନୀର ଡାଟା ଓ ନୂଆ ସଫ୍ଟୱେୟାର ରୁହେ। ଯାହାର ଫାଇଦା ନେଇ ଦୁଇଜଣ କମ୍ପାନୀକୁ ନ ଜଣାଇ ଡାଟାକୁ ଲୁଚାଇ ଅନ୍ୟକୁ ବିକ୍ରି କରନ୍ତି। ଯାହାଫଳରେ କମ୍ପାନୀର ନିୟମିତ ଗ୍ରାହକ ଚନ୍ଦ୍ରଶେଖର ଓ ବିଭୁଙ୍କ ଠାରୁ କମ୍ ଦାମରେ ଡାଟା ପାଇଯାଉଥିଲେ। ଏଥିପାଇଁ କମ୍ପାନୀ ବ୍ୟାପକ କ୍ଷତି ସହୁଥିଲା। ଏ ନେଇ କମ୍ପାନୀ ଯାଞ୍ଚ କରିବା ପରେ ଚନ୍ଦ୍ରଶେଖର ଓ ବିଭୁ ଏଭଳି କରୁଥିବା ଜାଣି କମ୍ପାନୀର ଏମ୍‌ଡି ଥାନାରେ ଅଭିଯୋଗ କରିଥିଲେ।






# ‘ଜିରୋ’ ଫିଲ୍ମରେ ଓଡ଼ିଆ ପ୍ରତିଭା

**କଟକ ଅଫିସ,୨୮।୧୨**

କିଙ୍ଗଖାନ୍ ଶାହରୁଖ ଖାନ୍‌ଙ୍କ ‘ଜିରୋ’ ଚଳଚ୍ଚିତ୍ରକୁ ଦର୍ଶକଙ୍କ ଭଲପାଇବା ମିଳିଛି। ତେବେ ପରଦା ପଛରେ ରହି ଏହି ଚଳଚ୍ଚିତ୍ରରେ ନିଜର ଯାଦୁକରୀ କାର୍ଯ୍ୟର ଛାପ ଛାଡ଼ିଛନ୍ତି ଜଣେ ଓଡ଼ିଆ ଯୁବକ। ଚଳଚ୍ଚିତ୍ରର ଅତ୍ୟାଧୁନିକ ଭିଜୁଆଲ ଇଫେକ୍ଟ(ଭିଏଫ୍‌ଏକ୍ସ) ଟିମ୍‌ରେ କାର୍ଯ୍ୟ କରିଥିବା ଏହି ଓଡ଼ିଆ ଜଣକ ହେଲେ ସାରଦା ପ୍ରସନ୍ନ ମହାନ୍ତି। ଶାହରୁଖ ଏହି ଚଳଚ୍ଚିତ୍ରରେ ଜଣେ ବାମନ ଭାବେ ଦେଖିବାକୁ ମିଳିଥିବା ବେଳେ ଏହି କାର୍ଯ୍ୟ ଚଳଚ୍ଚିତ୍ରର ଭିଏଫ୍‌ଏକ୍ସ ଟିମ୍ ଦ୍ୱାରା ହିଁ ସମ୍ପାଦିତ ହୋଇଛି। ଭିଏଫ୍‌ଏକ୍ସ ଏଡିଟର ଭାବେ ସାରଦାଙ୍କ ନାମ ଜିରୋ ଚଳଚ୍ଚିତ୍ରର କ୍ରେଡିଟ ଲିଷ୍ଟ(ଶ୍ରେୟ ତାଲିକା)ରେ ରହିଛି। ଏହା ପୂର୍ବରୁ ରଜନୀକାନ୍ତଙ୍କ ଅଭିନୀତ ୨.୦ରେ ମଧ୍ୟ ସାରଦା ସମ୍ପାଦନା କାର୍ଯ୍ୟ କରିଛନ୍ତି। ତାଙ୍କ ବାପା ହେଉଛନ୍ତି ନିମାଇଁ ଚରଣ ମହାନ୍ତି ଓ ମା’ ଭାରତୀ। ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ଜମପଡ଼ା ଗ୍ରାମରେ। ଏବେ ତାଙ୍କୁ ମାତ୍ର ୨୧ ବର୍ଷ। ଜଣେ ଅଭିନେତା ହେବାର ସ୍ୱପ୍ନ ନେଇ ପୁଣେ ଯାଇଥିବା ସାରଦା ଏବେ ଭିଏଫ୍‌ଏକ୍ସ ଏଡିଟର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୪ରେ ଯୁକ୍ତ୨ ପାଠପଢ଼ା ଶେଷ କରିବା ପରେ ଜି ମିଡିଆ ବିଶ୍ୱବିଦ୍ୟାଳୟରେ ଅଭିନୟ ପାଠ ପଢ଼ିଥିଲେ। ପରେ ଓଡ଼ିଶା ଆସି ଅନେକ ପ୍ରଯୋଜକ, ନିର୍ଦ୍ଦେଶକଙ୍କୁ ଭେଟିଥିଲେ ମଧ୍ୟ କେହି ସୁଯୋଗ ଦେଇ ନ ଥିଲେ। ୨୦୧୬ରେ ବମ୍ବେର ରେଡ୍ ଚିଲିଜ୍ ଭିଏଫ୍‌ଏକ୍ସ ଅଫିସ୍‌ରେ ସେ ଏଡିଟର ଭାବେ କାର୍ଯ୍ୟାରମ୍ଭ କରିଥିଲେ। ଏହାପରେ ପ୍ରାଇମ୍ ଫୋକସ, ଅନ୍ନପୂର୍ଣ୍ଣା ଭଳି ବିଭିନ୍ନ ପ୍ରତିଷ୍ଠିତ ପୋଷ୍ଟ-ପ୍ରଡକ୍ସନ ଅଫିସ୍‌ରେ ସେ କାର୍ଯ୍ୟ କରିଥିଲେ। ଏବେ ସେ ଲିଜେଣ୍ଡ ଭିଏଫ୍‌ଏକ୍ସ ଅଫିସରେ କାମ କରୁଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ସିନେମା ପ୍ରସ୍ତୁତ କରିବା ଦିଗରେ କାମ କରିବେ ବୋଲି ସାରଦା କହିଛନ୍ତି।


ସାରଦା ପ୍ରସନ୍ନ ମହାନ୍ତି









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

କଟକ
- ଆଇଏମ୍ଆଇଟି, କଟକର କମ୍ପ୍ୟୁଟର ବିଭାଗ ପକ୍ଷରୁ ୪ର୍ଥ ଷ୍ଟୁଡେଣ୍ଟ୍ ଆଲୁମ୍ନି ମିଟ୍ 'ପୁନର୍ମିଳନ', ଆଇଏମ୍ଆଇଟି ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ଅପରାହ୍ନ ୪ଟା ୧୫।
- ଝୋଲାସାହିସ୍ଥିତ ସ୍ୱୟଂପ୍ରଭା ଶିଶୁ ନିକେତନର ସପ୍ତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା।

## ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କଟକ ଅଫିସ, ୨୮।୧୨:** କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ଦରଘାବଜାରସ୍ଥିତ ପ୍ୟାରୀମୋହନ ଏକାଡେମୀଠାରେ ଶୁକ୍ରବାର ପୁଣ୍ୟାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ହୁସେନ୍ ରବି ଗାନ୍ଧୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନୂତନ ଓଡ଼ିଶାର ପରିକଳ୍ପନା ସହ ଶିକ୍ଷା, ସମାଜ ଓ ସଂସ୍କୃତି କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ୟାରୀମୋହନଙ୍କୁ ସର୍ବଦା ଅମର କରି ରଖିବ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ମକର ଚନ୍ଦ୍ର ଘଡ଼େଇ, ଶିକ୍ଷୟିତ୍ରୀ ମମତା ବେବର୍ତ୍ତା ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

## ପରିମଳ ସମ୍ପର୍କିତ ବୈଠକ

**କଟକ ଅଫିସ, ୨୮।୧୨:** ରାଜ୍ୟ ସରକାରଙ୍କ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡ ଏବଂ ସାମାଜିକ ସଂଗଠନ ଉତ୍କଳ ସେବକ ସମାଜର ମିଳିତ ସହଯୋଗରେ କଟକରେ ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ଅଭିଯାନ ଜାରି ରହିଛି। ଶୁକ୍ରବାର ସହରର ପ୍ରତ୍ୟେକ ସାହି କମିଟିର ମୁଖ୍ୟ, ଶାନ୍ତି କମିଟିର ସଭ୍ୟ ଏବଂ ଆବାସିକ ଗୃହଗୁଡିକରେ ଗଢି ଉଠିଥିବା ଆସୋସିଏଶନର ମୁଖ୍ୟଙ୍କୁ ନେଇ ପୁରୀଘାଟ ସନ୍‌ସାଇନ ପଡ଼ିଆ ନିକଟସ୍ଥ ଗାନ୍ଧୀଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଧୁନିକ ଜ୍ଞାନକୌଶଳରେ ନବନିର୍ମିତ ସ୍ୱେରେଜ ସିଷ୍ଟମ, ସ୍ୱେରେଜ ପମ୍ପିଂ ଷ୍ଟେଶନ, ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଗୃହର ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହିତ ସଂଯୋଗ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦ୍ୱାରା ସମସ୍ତେ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ସଭା ପରିଚାଳନା କରିଥିବାବେଳେ ଅରୁଣ ରାୟ ଓ ଦିଲ୍ଲୀପ କୁଅଁର ସଂଯୋଜନା କରିଥିଲେ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୨୮।୧୨:** ତିନିଦିନ ଧରି ଚାଲିଥିବା ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୩୭ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ଶହୀଦଭବନରୁ ବାହାରି ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠରେ ପହଞ୍ଚିଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ଶିକ୍ଷକ ସଙ୍ଗଠନର ଉପସଭାପତି କେ. ରାଜେନ୍ଦ୍ରନ୍, ମୁଖ୍ୟବକ୍ତା ଭାବେ ଶାରଳା ଦାସ ମହାବିଦ୍ୟାଳୟର ଅଧାପକ ହିମାଂଶୁ ଆଚାର୍ଯ୍ୟ, ପ୍ରକାଶକ ନିରଞ୍ଜନ ରଥ ଓ କ୍ରୀଡାବିତ୍ (ଧାବିକା) ଦୂତୀ ଚାନ୍ଦ ଯୋଗଦେଇଥିଲେ। ସଙ୍ଗଠନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ସଭାରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ବ୍ରାଉନ୍‌ସୁଗାର ବ୍ୟବସାୟୀ ଗିରଫ

**କଟକ ଅଫିସ, ୨୮।୧୨:** ଆଇପିସି ଦଫା ୧୧୦ ବଳରେ ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଯୋରନ୍ଦା ଅଞ୍ଚଳର ପରିକ୍ଷିତ ପ୍ରଧାନ(୫୫)। ବହୁବର୍ଷ ହେବ ସେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ନଦୀକୂଳ ସାହିରେ ଭଡାରେ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଚଳିତବର୍ଷ ତାଙ୍କ ବିରୋଧରେ ବ୍ରାଉନସୁଗାର ବେପାର କରୁଥିବା ନେଇ ମଙ୍ଗଳାବାଗ ଥାନାରେ ୨ଟି ମାମଲା ରୁଜୁ ହୋଇଥିବାବେଳେ ଜିଲା ଅବକାରୀ ବିଭାଗରେ ଗୋଟିଏ ମାମଲା ରହିଛି।

## ■ ସିଏମ୍‌ସି କାଉନସିଲ ବୈଠକ

# ଆଲୋକିତ ହେବ ଗ୍ରୀନ୍‌ଫିଲ୍ଡ ଅଞ୍ଚଳ

### ବିନିଯୋଗ ହେବ ଓୟୁଆଇଡିଏଫ୍

**କଟକ ଅଫିସ,୨୮।୧୨**



କାଉନସିଲ୍ ବୈଠକରେ ଉପସ୍ଥିତ ମେୟର, କର୍ପୋରେଟରଙ୍କ ସହ ଅନ୍ୟମାନେ।

କଟକ ମହାନଗର ନିଗମ (ସିଏମ୍‌ସି)ର ୮୦ କିଲୋମିଟର ଅଞ୍ଚଳରେ ରାସ୍ତା ଅଛି, ହେଲେ ଆଲୋକୀକରଣ ବ୍ୟବସ୍ଥା ନାହିଁ। ତାହାକୁ ଗ୍ରୀନ୍‌ଫିଲ୍ଡ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ୩, ୪୮, ୪୯, ୫୧, ୫୬, ୫୭, ୫୮, ୫୯ ନମ୍ବର ୱାର୍ଡର କିଛି ଅଂଶ ରହୁଛି। ଏହି ଗ୍ରୀନ୍‌ଫିଲ୍ଡ ଅଞ୍ଚଳର ଆଲୋକୀକରଣ ପାଇଁ ଶୁକ୍ରବାର ସିଏମ୍‌ସିର କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଓୟୁଆଇଡିଏଫ୍ (ଓଡିଶା ଅର୍ବାନ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ଫଣ୍ଡ) ଅର୍ଥରେ ଉକ୍ତ ଗ୍ରୀନ୍‌ଫିଲ୍ଡ ଆଲୋକିତ ହେବ। ଏହି ଆଲୋକୀକରଣ କାମ ଘରୋଇ କମ୍ପାନୀ କ୍ରମ୍ପଟନ ଗ୍ରିଭ୍‌ସ କରିବ ବୋଲି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଚୁକ୍ତି ହୋଇଥିବା ଜଣାପଡିଛି। କମ୍ପାନୀ ଉକ୍ତ କାମ ଆସନ୍ତା ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ।

ପୂର୍ବରୁ ସିଏମ୍‌ସି ଅଞ୍ଚଳରେ ଯେଉଁ ଏଲଇଡି ଆଲୋକୀକରଣ ବ୍ୟବସ୍ଥା ହୋଇଥିଲା ସେଥିରେ ରହୁଥିବା ସମସ୍ୟା ସମ୍ପର୍କରେ କର୍ପୋରେଟରମାନେ ଅନେକ ଥର ଆପତ୍ତି ଉଠାଇଛନ୍ତି। ଅଧିକାଂଶ ସ୍ଥାନରେ ଏଲଇଡି ଲାଇଟ୍ ଠିକ୍ ଭାବେ ଜଳୁ ନାହିଁ। ଆଉ କିଛି ସ୍ଥାନରେ ଏଯାଏ ଏଲଇଡି ଲାଇଟ ଲାଗି ପାରିଲା ନାହିଁ। ତେଣୁ ନିର୍ବାଚନକୁ ଆଖି ଆଗରେ ରଖି ଉପରୋକ୍ତ ଯୋଜନା କରାଯାଇଛି ବୋଲି କହିଛନ୍ତି କଂଗ୍ରେସ କର୍ପୋରେଟର ଗିରିବାଳା ବେହେରା। ସେ ଆହୁରି କହିଛନ୍ତି ଯେ, ଯଦି ଏହି ଫଣ୍ଡରୁ ଟଙ୍କା ଖର୍ଚ୍ଚ କରି ଆଲୋକୀକରଣ ବ୍ୟବସ୍ଥା କରିବାର ଥିଲା ତାହାହେଲେ ବହୁ ପୂର୍ବରୁ କାହିଁକି କରାଗଲା ନାହିଁ। ଏ ସମ୍ପର୍କରେ ମେୟର ମୀନାକ୍ଷୀ ବେହେରା କହିଛନ୍ତି, ଉପରୋକ୍ତ ବ୍ୟବସ୍ଥା ଦ୍ୱାରା ସହରବାସୀ ନିଶ୍ଚୟ ଉପକୃତ ହେବେ। ତେଣୁ ଏହା ଉପରେ ରାଜନୈତିକ ଉଦ୍ଦେଶ୍ୟମୂଳକ ଟିପ୍ପଣୀ ଦେବା ଅନାବଶ୍ୟକ।

ସେହିପରି ବୈଠକରେ ପରିମଳ, ଡ୍ରେନେଜ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ୟାଗୁଡ଼ିକର ସମାଧାନ ପାଇଁ ବୈଠକରେ ଆଲୋଚନା କରାଯାଉଥିବାବେଳେ ତାହା ବାସ୍ତବ ରୂପ ନେଉନାହିଁ ବୋଲି କେତେଜଣ କର୍ପୋରେଟର ଅଭିଯୋଗ କରିଥିଲେ।




ଅଭାବୀ ଧାନ ବିକ୍ରି, ତୁରନ୍ତ ସମସ୍ତ ମଣ୍ଡି ଖୋଲିବା ଓ କୃଷି ଋଣ ଛାଡ ଦାବିରେ ଭାଜପା କୃଷକମୋର୍ଚ୍ଚା କଟକ ଜିଲା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ୍ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# ରାଶନ କାର୍ଡ ଥିଲେ ମିଳିବ ଉଜ୍ଜ୍ୱଳା ସଂଯୋଗ

**କଟକ ଅଫିସ, ୨୮।୧୨**

ଏଣିକି ରାଶନ କାର୍ଡଧାରୀମାନେ ଉଜ୍ଜ୍ୱଳା ସଂଯୋଗ ପାଇପାରିବେ। ପୂର୍ବରୁ ଅନୁସୂଚିତ ଜାତି, ଜନଜାତି ବର୍ଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ, ବନବାସୀ, ପଛୁଆବର୍ଗଙ୍କ ସହିତ ଦ୍ୱିପାଞ୍ଚଳରେ ବାସ କରୁଥିବା ଲୋକ ଓ ସାମାଜିକ, ଅର୍ଥନୈତିକ ଜନଗଣନାରେ ଚିହ୍ନଟ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିଲା। ମାତ୍ର ଏଣିକି ଏହି ମାନଦଣ୍ଡରେ ପରିବର୍ତ୍ତନ ଅଣାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ରାଶନକାର୍ଡଧାରୀମାନଙ୍କୁ ମଧ୍ୟ ଯୋଜନାରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜିଲା ନୋଡାଲ ଅଫିସର ଶୁଭଦୀପ ଦେବନାଥ ଏହି ସୂଚନା ଦେଇଛନ୍ତି। କଟକ ଜିଲାରେ ଡିସେମ୍ବର ୨୬ ତାରିଖ ସୁଦ୍ଧା ମୋଟ୍ ୧ ଲକ୍ଷ ୮୨ ହଜାର ୧୬୨ ଜଣ ହିତାଧିକାରୀଙ୍କୁ ଏଲ୍‌ପିଜି ସଂଯୋଗ ଯୋଗାଇ ଦିଆଯାଇଥିବା ସେ କହିଥିଲେ। ସେହିପରି ଯୋଜନାରେ ୭୬.୫ ପ୍ରତିଶତ ହିତାଧିକାରୀଙ୍କୁ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ଋଣ ଦିଆଯାଇଥିବା ସେ କହିଥିଲେ। ସେ କହିଛନ୍ତି, କଟକ ଜିଲାରେ ୬୭.୩୬ ପ୍ରତିଶତ ହିତାଧିକାରୀ ପୁନଃ ଗ୍ୟାସ୍ ଭରିବା ପାଇଁ ଆସୁଛନ୍ତି।

# କଣ୍ଡକ୍ଟର-ପୋଲିସ ତର୍କ, ଅଧଘଣ୍ଟା ଟ୍ରାଫିକ୍ ଜାମ୍

## ବସ୍ ଭଡା ମାଗିବାରୁ ଡେବିଟ୍ କାର୍ଡ ଦେଲେ

**କଟକ ଅଫିସ, ୨୮।୧୨**

ସମୟ ସନ୍ଧ୍ୟା ୭ଟା। କଟକ ଲିଙ୍କ୍ ରୋଡ ଟ୍ରାଫିକ୍ ଜାମ୍। କାଠଯୋଡି ବ୍ରିଜ୍ ଠାରୁ ଲିଙ୍କ୍‌ରୋଡ ଛକ ପର୍ଯ୍ୟନ୍ତ ଗାଡି ପଛକୁ ପଛ ଲାଗିଥାଏ। ଲିଙ୍କ୍‌ରୋଡ ଛକ ପାଖରେ ଠିଆ ହୋଇଥିବା ଏକ ଘରୋଇ ବସ୍‌କୁ ଘେରି ରହିଥାନ୍ତି ଲୋକେ। ସେଠାରେ ପହଞ୍ଚି ଦେଖିବାରୁ ଜଣେ ପୋଲିସ ବାବୁଙ୍କ ସହ ବସ୍ କଣ୍ଡକ୍ଟରଙ୍କର ଯୁକ୍ତିତର୍କ ଲାଗିଥିଲା। ମିଳିଥିବା ସୂଚନା ଅନୁଯାୟୀ, ପୋଲିସ ପୋଷାକ ପିନ୍ଧି ଜ୍ୟାକେଟ୍ ଘୋଡାଇ ହୋଇଥିବା ଜଣେ ବ୍ୟକ୍ତି ବସ୍‌ରେ ଭୁବନେଶ୍ୱରରୁ କଟକ ଆସୁଥିଲେ। ବସ୍‌ରେ କଣ୍ଡକ୍ଟର ଭଡା ବାବଦକୁ ଟଙ୍କା ମାଗିବାରୁ ପୋଲିସ ବାବୁ ଜଣଙ୍କ ତାଙ୍କୁ ଲିଙ୍କ୍‌ରୋଡ ଟ୍ରାଫିକ୍ ଷ୍ଟାଫ୍ ବୋଲି କହି ଭଡା ଦେଇ ନ ଥିଲେ। ଇତିମଧ୍ୟରେ ବସ୍‌ଟି ଲିଙ୍କ୍‌ରୋଡରେ ପହଞ୍ଚି ସାରିଥିଲା। ଟଙ୍କା ନ ଦେଇ ପୋଲିସ ବାବୁ ଜଣଙ୍କ ବସ୍‌ରୁ ଓହ୍ଲାଇ ପଡିବାରୁ କଣ୍ଡକ୍ଟର ତାଙ୍କୁ ପୁଣି ଭଡା ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିବା ପରେ ପୋଲିସ ବାବୁ ଜଣଙ୍କ ତାଙ୍କ ଡେବିଟ୍ କାର୍ଡ ଦେଇ ଭଡା ନେଇଯିବାକୁ କଣ୍ଡକ୍ଟରକୁ କହିଥିଲେ। ସେତେବେଳକୁ ପ୍ରବଳ ଭିଡ ହୋଇଯାଇଥିବାରୁ ପୋଲିସ ବାବୁଙ୍କୁ ତାଙ୍କ କାର୍ଡ ଫେରାଇ ଦେଇ କଣ୍ଡକର ପଳାଇ ଯାଇଥିଲେ। ଏହି ଘଟଣା ଏବେ କଟକରେ ଆଲୋଚନାର ବିଷୟ ପାଲଟିଛି।

# ବିଜେଡିର ମହିଳା ସମାବେଶ




ସମାବେଶରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**ଟିଗିରିଆ,୨୮।୧୨(ଡି.ଏନ.ଏ.)**

ଟିଗିରିଆ ବିଜେଡି ପକ୍ଷରୁ ମହିଳା ସମାବେଶ ଶୁକ୍ରବାର ନୂଆପାଟଣାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସବିତା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ, ମୁଖ୍ୟବକ୍ତା ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ମହିଳା ବିଜେଡି ସଭାନେତ୍ରୀ ମିନତୀ ବେହେରା, କଟକ ଜିଲା ମହିଳା ବିଜେଡି ସଭାନେତ୍ରୀ ସୁଭଦ୍ରା ଦାସ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରଞ୍ଜିତା ଭକ୍ତା, ବାସନ୍ତୀ ରାଉଳ, ଛାତ୍ର ବିଜୁ ଜନତା ଦଳ ନେତ୍ରୀ ସୌଦାମିନୀ ସାହୁ ଯୋଗଦେଇଥିଲେ। ଟିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ମହିଳା ସରପଞ୍ଚ ଓ ସମିତିସଭ୍ୟାଙ୍କ ସହ ଜିଲା ପରିଷଦ ସଭ୍ୟ ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ ଏବଂ ବ୍ଲକ ବିଜେଡି ସଭାପତି ଅଜିତ ଧୀର ପ୍ରମୁଖ ମଞ୍ଚାସୀନ ଥିଲେ।

## ୩ ବଖରା ଜଳିଗଲା

**ଆଠଗଡ଼,୨୮।୧୨(ସ୍ୱ.ପ୍ର.)**

ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୧୩ ନଂ ୱାର୍ଡ ସଦରସାହିରେ ଗୁରୁବାର ବିଳମ୍ବିତ ରାତିରେ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟି ଭାଗୀରଥି ନାୟକ, ଭରତ ନାୟକ ଓ ଶରତ ନାୟକଙ୍କ ୩ ବଖରା ଜଳିଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଜଳିଯାଇଛି। ପଡ଼ିଶା ଘର ଲୋକେ ଦେଖି ଡାକ ପକାଇବାରେ ସାହିଲୋକେ ଘଟଣାସ୍ଥଳକୁ ଆସିଥିଲେ। ଖବରପାଇ ଆଠଗଡ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶୁକ୍ରବାର ଆଠଗଡ଼ ତହସିଲଦାର ତପନ ଖୁଣ୍ଟିଆ ରାଜସ୍ୱ ନିରୀକ୍ଷକ ଅନିଲ ସାମନ୍ତରାୟ ଓ ଅନ୍ୟ କର୍ମଚାରୀଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ତହସିଲ ପକ୍ଷରୁ ବିପନ୍ନଙ୍କୁ ପଲିଥିନ ଓ ସହାୟତା ପ୍ରଦାନ କରାଯାଇଛି।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

**କଟକ ସଦର, ୨୮।୧୨(ଡି.ଏନ୍.ଏ.)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଶୁକ୍ରବାର କଟକ ସଦର ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଉପଲକ୍ଷେ ଉକ୍ତ ବ୍ଲକ ଅଧୀନ ଶଗଡିଠାରେ ଏକ ସମାବେଶ ଆୟୋଜିତ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ସମାବେଶକୁ ସମ୍ବୋଧନ କରି ୨୦ଟି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ଘୋଷଣା କରିଥିଲେ। ସମାବେଶ ସ୍ଥଳରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ସରୋଜ ମହାନ୍ତି, ବିଡିଓ ଦେବାଶିଷ ପଟ୍ଟନାୟକ, ପ୍ରମୋଦ ମହାପାତ୍ର, ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ଅକ୍ଷୟ ପରିଡା, ବିଭୂତି ଭୂଷଣ ପରିଡା ଓ ପ୍ରମିଳା ବେହେରା ଉପସ୍ଥିତ ଥିଲେ। ଅଭିନେତା କୁନା ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କଂଗ୍ରେସ ପ୍ରତିଷ୍ଠା ଦିବସ

**କଟକ ଅଫିସ, ୨୮।୧୨**

ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୁକ୍ରବାର କଟକ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ 'ସମୃଦ୍ଧ ଓ ନୂଆ କଟକ ନିର୍ମାଣ- ଆମର ସଂକଳ୍ପ' ନାରା ଦିଆଯାଇଛି। ସ୍ଥାନୀୟ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠଠାରୁ ସଙ୍ଗଠନ ପକ୍ଷରୁ ଜନସଚେତନ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଯୁବ ଛାତ୍ରଙ୍କୁ ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେହିପରି କଲେଜଛକଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ଦଳର ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁରୂପ ଭାବେ କଂଗ୍ରେସ ଜିଲା କମିଟି ପକ୍ଷରୁ ସଭାପତି ଗୁରୁପଦ ନନ୍ଦଙ୍କ ନେତୃତ୍ୱରେ ଦଳର ପ୍ରତିଷ୍ଠା ଦିବସ ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଛି।

# ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଆଠଗଡ଼,୨୮।୧୨(ସ୍ୱ.ପ୍ର.)**

ଆଠଗଡ଼ ଥାନା ଯୋରନ୍ଦା ପଞ୍ଚାୟତ ଇନ୍ଦିପୁର ଗ୍ରାମର ଚାଷୀ ନିରଞ୍ଜନ ବେଉରା, ଗୋବିନ୍ଦ ଚନ୍ଦ୍ର ବେଉରା, ନିମାଇଁ ଚରଣ ପରିଡା ଓ ପର୍ଶୁରାମ ବେଉରାଙ୍କ ଧାନଗଦାରେ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ସମ୍ପୃକ୍ତ ଚାଷୀଙ୍କ ପ୍ରାୟ ୧୦୦ କୁଇଣ୍ଟାଲ ଧାନ ଜଳି ଯାଇଥିବା ସେମାନେ ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ୨-୩ ଦିନ ପୂର୍ବରୁ ସେମାନେ ଧାନ କାଟି ଗାଁ ମୁଣ୍ଡ ଖଳା ନିକଟ ରାସ୍ତା କଡରେ ରଖିଥିଲେ। ଆସନ୍ତା ଦୁଇଦିନ ମଧ୍ୟରେ ଅମଳ କରିଥାନ୍ତେ। ଭୋରୁ ଗ୍ରାମର ଜଣେ ବ୍ୟକ୍ତି ଶୌଚ ପାଇଁ ଯାଉଥିବାବେଳେ ଧାନଗଦା ଜଳି ଯାଇଥିବା ଏବଂ କେତେକ ସ୍ଥାନରେ ନିଆଁ କୁହୁଳୁଥିବା ଦେଖିଥିଲେ। ନିଆଁ ଲଗାଇବାର କାରଣ ଜଣା ପଡ଼ିନାହିଁ।

## ରାଶନ ସାମଗ୍ରୀ ବଣ୍ଟନ ଅନିୟମିତତାର ତଦନ୍ତ ଆରମ୍ଭ

**କଣ୍ଟାପଡ଼ା,୨୮।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ରାଶନ କାର୍ଡଧାରୀଙ୍କ ସାମଗ୍ରୀ ବଣ୍ଟନରେ ହୋଇଥିବା ଅନିୟମିତତାର ଶୁକ୍ରବାର ତଦନ୍ତ ଆରମ୍ଭ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ବାଲିପଡା ଓ ଶଙ୍ଖୁଆ ଗ୍ରାମର ରାଶନ କାର୍ଡଧାରୀ ଶକ୍ତିପ୍ରସାଦ ମହାନ୍ତି, ନିରୁପମା ଦାସ, ସସ୍ମିତା ମହାନ୍ତି ଓ ଅନ୍ୟ କେତେଜଣଙ୍କୁ ରାଶନ ସାମଗ୍ରୀ ଠିକ୍‌ଭାବେ ମିଳୁ ନ ଥିବା ନେଇ ବ୍ଲକ ଓ ଜିଲା ଯୋଗାଣ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗପାଇ ଜଲା ଯୋଗାଣ ବିଭାଗର ଏକ ସ୍କ୍ୱାଡ ଜିଲା ଯୋଗାଣ ଅନୁ ନିରୀକ୍ଷକ ଅନାଥ ଚରଣ ସ୍ୱାଇଁ, ବାରଙ୍ଗ ବ୍ଲକ ଏମଆଇ ମଧୁସ୍ମିତା ମାଝୀ, ଚୌଦ୍ୱାର ନଗରନିଗମ ଏମଆଇ ବଷ୍ଣୁପ୍ରିୟା ନାୟକ ଓ କଣ୍ଟାପଡା ଏମଆଇ ନର୍ଗିମା ବେଗମ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରି ଫେରିଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ଏମଆଇ ବେଗମ କୁହନ୍ତି, ଅଭିଯୋଗର ତଦନ୍ତ ସରିଛି, କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଯୋଗାଣ ଅଧିକାରୀ ନିଷ୍ପତ୍ତି ନେବେ।

# ବେଆଇନ କ୍ରଶର ସିଲ୍

**ମାହାଙ୍ଗା,୨୮।୧୨(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ଅନ୍ତର୍ଗତ ସିପୁରାସ୍ଥିତ ଏକ କ୍ରଶରକୁ ଶୁକ୍ରବାର ତହସିଲ ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ ବିଭାଗ ମିଳିତଭାବେ ଚଢାଉ କରି ସିଲ କରିଛନ୍ତି। ଏହି କ୍ରଶରଟି ଦୀର୍ଘ ଦିନ ଧରି ଚାଲିଥିଲେ ମଧ୍ୟ ପ୍ରଦୂଷଣ ବୋର୍ଡ କିମ୍ବା ଅନ୍ୟ ବିଭାଗର ଅନୁମତି ପାଇ ନ ଥିଲା। ପ୍ରଦୂଷଣ ବିଭାଗ ବୋର୍ଡ ପକ୍ଷରୁ ନୋଟିସ କରାଯାଇଥିଲେ ମଧ୍ୟ ନୋଟିସକୁ ନ ମାନି ବେଆଇନଭାବେ କ୍ରସର ଚାଲିଥିଲା। ତହସିଲଦାର ଦିଲୀପ ମହାରଣାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଓଡ଼ିଆ ଭାଷା ସାହିତ୍ୟର ଜନକ ଥିଲେ ପ୍ୟାରୀମୋହନ

**ମାହାଙ୍ଗା,୨୮।୧୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ପଣ୍ଡୁଲୁଣ୍ଡାସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟାନିକେତନ ପରିସରରେ ଶୁକ୍ରବାର ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ସ୍ମୃତି ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ପ୍ୟାରୀମୋହନ ଓଡ଼ିଆ ଭାଷା ସାହିତ୍ୟର ଜନକ ଥିଲେ ବୋଲି କହିଥିଲେ। ବରେଣ୍ୟ ଅତିଥି କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ସମ୍ମାନିତ ବକ୍ତା ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରସିଦା ବେଗମ, ହୃଷୀକେଶ ସ୍ୱାଇଁ, ସମ୍ମାନିତ ଅତିଥି ସରପଞ୍ଚ ରଞ୍ଜିତା ମହାନ୍ତି, ସମିତିସଭ୍ୟା ଚାରୁଲତା ନିହାଣ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ତାରିଣୀ ପ୍ରସାଦ ପୁହାଣ ଅତିଥି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାନ୍ତ ବରାଳ ଓ ତରୁଣ ଘୋଷାଲଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟରେ ନବ ନିର୍ମିତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ।

# ମହେନ୍ଦ୍ର ମହାପାତ୍ରଙ୍କୁ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥ ସମ୍ମାନ

**କଟକ ଅଫିସ, ୨୮।୧୨**



ସମାରୋହରେ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

ବିଶିଷ୍ଟ ଚିତ୍ରଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କର ଜୟନ୍ତୀ ସମାରୋହ ହରିପୁରସ୍ଥିତ କୃଷ୍ଣ ଚିତ୍ରାଳୟ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀ କୃଷ୍ଣଚନ୍ଦ୍ର ରଥ ଜୟନ୍ତୀ କମିଟି ସଭାପତି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରେଭେନ୍‌ଶା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଭାତ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ନାଟକ, ସଙ୍ଗୀତ, ନୃତ୍ୟକୁ ସମୃଦ୍ଧ କରିବାରେ କୃଷ୍ଣଚନ୍ଦ୍ରଙ୍କ ଭୂମିକା ଅନବଦ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ଶ୍ୟାମାମଣି ଦେବୀ ଓ ଶିଳ୍ପୀ ରବିନାରାୟଣ ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶେନଜିତ ମହାନ୍ତି, ଭବାନୀ ପଣ୍ଡିତ, ହରମୋହନ ଖୁଣ୍ଟିଆ, ଗୌତମ କର, ରାଧାମୋହନ ସାହୁ, ବିଜୟଲକ୍ଷ୍ମୀ ଦାସ ଓ ଚିତ୍ରଶିଳ୍ପୀ ଶଶିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିରୋ ନାଇଟ୍ ପାଇଁ ୧୨ ପ୍ଲାଟୁନ୍ ଫୋର୍ସ

**କଟକ ଅଫିସ,୨୮।୧୨**

- ■ହୋଟେଲ, ଲଜ୍‌ରେ ପୋଲିସ୍‌ର ଯାଞ୍ଚ ଆରମ୍ଭ
- ■ସହରର ସମସ୍ତ ପ୍ରବେଶ ପଥରେ ଚେକିଂ ହେବ

କଟକରେ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। କଟକ ସହରର ସୁରକ୍ଷା ପାଇଁ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ। ସହରରେ ଥିବା କ୍ଲବଗୁଡିକ ଆସନ୍ତା ୩୧ ତାରିଖ ରାତି ୧୨ ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିପାରିବେ। ରାତିରେ କୌଣସି ବ୍ୟକ୍ତିଙ୍କୁ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଦେଖିବା ମାତ୍ରେ ପୋଲିସ ଉଠାଇ ନେଇ ସ୍ଥାନୀୟ ଥାନାରେ ଅଟକ ରଖିବ। ଆତସବାଜି କାର୍ଯ୍ୟକ୍ରମ କରିବାକୁ ଥିବା କ୍ଲବ କିମ୍ବା ଅନୁଷ୍ଠାନ ଅଗ୍ନିଶମ ବିଭାଗଠାରୁ ଏ ନେଇ ଲାଇସେନ୍ସ କରାଇ ନେବା ସହ ଅଗ୍ନିକାଣ୍ଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବେ। ଯେଉଁ କ୍ଲବ କିମ୍ବା ଅନୁଷ୍ଠାନ ଜିରୋ ନାଇଟ ସେଲିବ୍ରେସନର ଆୟୋଜନ ପାଇଁ କ'ଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ବିବରଣୀ ନିକଟସ୍ଥ ଥାନାରେ ଜଣାଇବା ବାଧ୍ୟତାମୂଳକ। କମିଶନରେଟ୍ ପୋଲିସର ବିନା ଅନୁମତିରେ କୌଣସି କ୍ଲବ କିମ୍ବା ଅନୁଷ୍ଠାନ ଜିରୋ ନାଇଟ ସେଲିବ୍ରେଶନ ସାଧାରଣରେ ଆୟୋଜନ କରିପାରିବେ ନାହିଁ। ଏବେଠାରୁ ପୋଲିସ ପକ୍ଷରୁ ପ୍ରତି ଥାନା ଅଧୀନରେ ଥିବା ହୋଟେଲ ଏବଂ ଲଜଗୁଡିକରେ ଯାଞ୍ଚ କରାଯାଇଛି। ଏଥିସହିତ ରାତି ସମୟରେ ସହରର ସମସ୍ତ ପ୍ରବେଶ ପଥରେ ପୋଲିସ ପକ୍ଷରୁ ବ୍ଲକିଂ ଓ ଚେକିଂ ଆରମ୍ଭ ହୋଇଛି। ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଏବଂ ବାର୍‌ଗୁଡିକ ବ୍ୟତିତ ଅନ୍ୟ ସ୍ଥାନରେ ମଦ ବିକ୍ରି ହେବା ଖବର ପାଇଲେ ପୋଲିସ ଚଢାଉ କରିବ। ୩୧ ତାରିଖ ରାତିରେ ସହରର ବିଭିନ୍ନ ରାସ୍ତାରେ ସ୍ପିଡ ବାଇକ୍ ଚଳାଉଥିବା ବ୍ୟକ୍ତିଙ୍କ ଉପରେ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିବ। ଶୁକ୍ରବାର ଖବରଦାତାଙ୍କୁ ଏହି ସୂଚନା ଦେଇ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ କରିବାର ସବୁ ବନ୍ଦୋବସ୍ତ ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ କରାଯିବାକୁ ପୋଲିସର ଚେଷ୍ଟା ରହିବ। ଏଥିପାଇଁ ପୋଲିସକୁ ସହରବାସୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ କମିଶନରେଟ୍ ପୋଲିସର ଗାଇଡଲାଇନ୍‌କୁ ମାନି ଜିରୋ ନାଇଟ ସେଲିବ୍ରେସନ ପାଇଁ ପ୍ରସ୍ତୁତି କରାଯାଇଛି ବୋଲି ଓସିଏ କ୍ଲବ କମ୍ପ୍ଲେକ୍ସ ମ୍ୟାନେଜର ସୁବ୍ରତ ସାମଲ କହିଛନ୍ତି।



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।

- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଦର୍ଶନ ନ ପାଇ କାନ୍ଦି ଫେରିଗଲେ ଭକ୍ତ



**ପୁରୀ ଅଫିସ,୨୮।୧୨:** ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାଜ୍ୟ ବାହାରୁ ଆସିଥିବା ଏକାଧିକ ଭକ୍ତ ଠାକୁରଙ୍କୁ ଦର୍ଶନ କରି ନ ପାରି କାନ୍ଦି ଫେରିଯାଇଛନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ବିଶାଖାପାଟଣାର ଅର୍ପିତା ଗୋସ୍ୱାମୀ। ସେ କହିଥିଲେ, ପୁଅ ଏବଂ ସ୍ୱାମୀଙ୍କ ସହ ଠାକୁରଙ୍କୁ ଦର୍ଶନ ପାଇଁ ସକାଳୁ ଆସିଥିଲୁ। ପହଞ୍ଚିଲା ବେଳକୁ ଦର୍ଶନ ବନ୍ଦ ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରି ରହିଲୁ। ପୁଅର ଦେହ ଭଲ ନାହିଁ। ଜଗନ୍ନାଥଙ୍କ ପାଖରେ ତାର ଆରୋଗ୍ୟ କାମନା ପାଇଁ ଆସିଥିଲି। ୩ଟାରେ ଟ୍ରେନ୍ ଅଛି। ଦର୍ଶନ ନ ପାଇ ଫେରୁଛୁ ବୋଲି କାନ୍ଦି କାନ୍ଦି କହିଥିଲେ ଅର୍ପିତା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପୁରୀ ଅଫିସ,୨୮।୧୨:** ପୁରୀ ନବକଳେବରରୋଡ ସ୍ଥିତ ଆଖଣ୍ଡଳମଣୀ ଯୋଗ ଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ମନ୍ଦିର ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଏନ.ସି. ଦାସ ଯୋଗଦେଇ ବିଭିନ୍ନ ରୋଗ ପରୀକ୍ଷା କରିଥିଲେ। କେନ୍ଦ୍ରର ସଭାପତି ମୁକ୍ତିକାନ୍ତ ଦାସ, ଯୋଗଗୁରୁ ମନୋଜ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### 'ଛାତ୍ର ଜୀବନର ମୂଳଦୁଆ ଶିକ୍ଷା'

**ଗୋପ, ୨୮।୧୨(ଡି.ଏନ୍.ଏ.):** ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଠିକ୍ ଭାବରେ ଗ୍ରହଣ କଲେ ଶିକ୍ଷା ସେମାନଙ୍କ ଜୀବନର ମୂଳଦୁଆ ସଦୃଶ ପାଲଟିଯିବ ବୋଲି ଶୁକ୍ରବାର ଗୋପ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଗୋପ ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ବିକାଶ କମିଟିର ବିଭାଗ ପ୍ରମୁଖ ଅକ୍ଷୟ କୁମାର ଜେନା, ସଙ୍କୁଳ ପ୍ରମୁଖ ବାବୁଲି ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଗୋପ ଉପନିବନ୍ଧକ ପ୍ରଭାତ କୁମାର ତରାଇ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ଲିଙ୍ଗରାଜ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ବିଗତ ଶିକ୍ଷାବର୍ଷରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବବିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କଳାଦିବସ ପାଳିଲେ କୃଷକ

**କଣାସ, ୨୮।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ଗ୍ରାମପଞ୍ଚାୟତର ବଡ଼ାସ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ପଞ୍ଚମୁଖୀଙ୍କ ମନ୍ଦିର ପରିସରରେ ଶୁକ୍ରବାର ନୀଳାଚଳ କୃଷକ ମହାସଂଘ ତରଫରୁ ଚାଷୀମାନେ କଳାଦିବସ ପାଳନ କରିଥିଲେ। ୨୦୧୬ ଡିସେମ୍ବର ୨୮ରେ ଚାଷୀମାନେ ସାକ୍ଷୀଗୋପାଳଠାରେ ରାସ୍ତା ଉପରେ ଆନ୍ଦୋଳନ ଚଳାଇବା ସହିତ ଖାଇ ବସିଥିବା ବେଳେ ପୋଲିସର ମାଡ଼ ପ୍ରତିବାଦରେ ଏହି କଳାଦିବସ ପାଳନ କରିଥିଲେ। ନୀଳାଚଳ କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରତି କୁଠାରାଘାତ କରୁଥିବାରୁ ବୈଠକରେ ଉପସ୍ଥିତ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ କାଳିଆ ଯୋଜନାକୁ କଳାପାହାଡ଼ ଯୋଜନା ବୋଲି ବରିଷ୍ଠ ଚାଷୀମାନେ କହିଥିଲେ। ବୈଠକରେ ମହାସଂଘର ସମ୍ପାଦକ ଉଗ୍ରସେନ୍ ବିଶ୍ୱାଳ, ସମନ୍ୱୟ କମିଟି ଅଧକ୍ଷ ଗୁଣନିଧି ପାତ୍ର, କୋଷାଧକ୍ଷ ନିରଞ୍ଜନ ମହାପାତ୍ର, କଣାସ ବ୍ଲକ ସଭାପତି ରଜନୀକାନ୍ତ ବେହେରାଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ■ ପ୍ରଶାସନିକ ଅବହେଳାରୁ ବିଭ୍ରାଟ

# ସେବାୟତଙ୍କ ଥିଲା ପୁଞ୍ଜୀଭୂତ ଅସନ୍ତୋଷ

**ପୁରୀ ଅଫିସ, ୨୮।୧୨**

ପ୍ରଶାସନିକ ଅବହେଳାରୁ ଶ୍ରୀମନ୍ଦିରରେ ଦେଖାଦେଇଛି ବିଭ୍ରାଟ। ପାଳିଆ ପୁରସ୍କାରକୁ ନେଇ ସେବାୟତମାନେ ଅସନ୍ତୋଷ ଜାହିର କରିଆସୁଥିଲେ। ଏପରି କି ନୂଆବର୍ଷରେ ମନ୍ଦିର ପ୍ରଶାସନକୁ ଅସହଯୋଗ କରିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ନିଷ୍ପତ୍ତି ମଧ୍ୟ ନେଇଥିଲେ। ହେଲେ ତା' ପୂର୍ବରୁ ଗୁରୁବାର ରାତିରେ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କୁ ପୋଲିସ ମାଡ଼ ମାରିବା ସେବାୟତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା ବୋଲି କୁହାଯାଉଛି।

ଜଗମୋହନ ମରାମତି ସମୟରେ ପରିମାଣିକ ଟିକେଟ ଦର୍ଶନ ଏବଂ ଭିତର କାଠ ଦର୍ଶନ ବନ୍ଦ ରହିଥିଲା। ଏହି ସମୟରେ ସେବାୟତଙ୍କୁ ଦୁଇଗୁଣା ପାଳିଆ ପୁରସ୍କାର ମିଳୁଥିଲା। ଏଥିସହ ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା କିଛି ସେବାୟତ ନିଯୋଗଙ୍କୁ କ୍ଷତିପୂରଣ ବି ଦିଆଯାଉଥିଲା। ହେଲେ ଗତ ଅଗଷ୍ଟ ମାସରୁ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ବନ୍ଦ କରି କେବଳ ଗୋଟିଏ ପାଳିଆ ପୁରସ୍କାର ଦେଉଛି। ସେହିପରି ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା ସେବାୟତଙ୍କୁ ୫ ମାସ ହେବ କ୍ଷତିପୂରଣ ମିଳୁନାହିଁ। ଅନ୍ୟପକ୍ଷରେ କିଛି ନିଯୋଗର ସେବାୟତ ଗୋଟିଏ ପାଳିଆ ପୁରସ୍କାର ବି ଗ୍ରହଣ କରୁନାହାନ୍ତି। ଯଦି ଦୁଇଗୁଣା ପାଳିଆ ପୁରସ୍କାର ଏବଂ ପରିମାଣିକ ଦର୍ଶନ ଏବଂ ପିଣ୍ଡିକାରୁ ଅଂଶଧନ ପାଉଥିବା ସେବାୟତଙ୍କୁ ଦିଆଯାଉଥିବା କ୍ଷତିପୂରଣ ବନ୍ଦ କରିବାର ଥିଲା ତେବେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସହ ପୂର୍ବରୁ ଏ ନେଇ ଆଲୋଚନା କରିଥିଲେ ବୋଧହୁଏ ବିବାଦ ସୃଷ୍ଟି ହୋଇ ନ ଥାନ୍ତା।

> **ପୂର୍ବରୁ ଏତେ ସମୟ ଦର୍ଶନ ବନ୍ଦ ହୋଇ ନ ଥିଲା**
>
> ଅନେକଥର ସେବାୟତ ସେମାନଙ୍କ ଦାବି ପୂରଣ ପାଇଁ ଶ୍ରୀମନ୍ଦିରରେ ବିଶୃଙ୍ଖଳା କରିଛନ୍ତି। ପ୍ରଶାସନକୁ ଅସହଯୋଗ କରିଛନ୍ତି। ଠାକୁର ଉପବାସ ଓ ଅନିଦ୍ରା ରହିଛନ୍ତି। କେବେ ହେଲେ ଦର୍ଶନ ବନ୍ଦ ହୋଇ ନ ଥିଲା। ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ୧୪ ଘଣ୍ଟା ବନ୍ଦ ହେବା ଶ୍ରୀମନ୍ଦିରର କ୍ଷେତ୍ରରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

ଶ୍ରୀମନ୍ଦିର ପ୍ରଶାସନର ଏକପାଖିଆ ଏଭଳି ନିଷ୍ପତ୍ତି ସେବାୟତଙ୍କ ମଧ୍ୟରେ ଅସନ୍ତୋଷର କାରଣ ବୋଲି କୁହାଯାଉଛି।

ଅକ୍ଟୋବର ୩ରେ ଧାଡ଼ି ଦର୍ଶନକୁ ନେଇ ପୁରୀରେ ହିଂସା ଘଟିଥିଲା। ଏହି ଘଟଣା ପରେ ପୋଲିସ ଏକ ଶାନ୍ତି କମିଟି ବୈଠକ ଡାକିଥିଲା। ସେତେବେଳେ ଶାନ୍ତି କମିଟିର ସଦସ୍ୟ ଥିବା କେତେଜଣ ସେବାୟତଙ୍କ ନାଁରେ ପରବର୍ତ୍ତୀ ସମୟରେ ପୋଲିସ ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରିଛି। ଏହାବ୍ୟତୀତ କେତେଜଣ ସେବାୟତଙ୍କୁ ମଧ୍ୟ ଗିରଫ କରିଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ଟିକେଟ ଦର୍ଶନ ଆରମ୍ଭ ହେଲେ ସେବାୟତଙ୍କୁ ସେମାନଙ୍କ ପ୍ରାପ୍ୟ ପାଉଣା ଦେବ ବୋଲି କହୁଛି। ହେଲେ ଏହି ଟିକେଟରୁ ଅଧିକୃତ ସେବାୟତଙ୍କୁ କେତେ ପ୍ରତିଶତ ପ୍ରାପ୍ୟ ଦିଆଯିବ ତାହା ପ୍ରଶାସନ ସ୍ପଷ୍ଟ କରିନାହିଁ। ଏହାକୁ ନେଇ ସେବାୟତ ମଧ୍ୟ ଅସନ୍ତୁଷ୍ଟ ଥିଲେ। ଏହିସବୁ ପୁଞ୍ଜୀଭୂତ ଅସନ୍ତୋଷ ଭିତରଚ୍ଛଙ୍କୁ ମାଡ଼ ପରେ ବିସ୍ଫୋରକ ରୂପ ନେଇଥିବା ଚର୍ଚ୍ଚା ହେଉଛି।



ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଦୀର୍ଘ ସମୟ ଧରି ବାଇଶି ପାହାଚ ଜନଶୂନ୍ୟ।

# ବଂଶଧାରା ଟ୍ରିବ୍ୟୁନାଲ ସଦସ୍ୟଙ୍କ ସାକ୍ଷୀଗୋପାଳ ମନ୍ଦିର ଦର୍ଶନ

**ସାକ୍ଷୀଗୋପାଳ, ୨୮।୧୨ (ଡି.ଏନ୍.ଏ.)**

ବଶଂଧାରା ଟ୍ରିବ୍ୟୁନାଲ କମିଟି ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ପୁରୀ ଗସ୍ତରେ ଆସିଥିବା ଟ୍ରିବୁନାଲ ଅଧକ୍ଷ ଜଷ୍ଟିସ ମୁକୁନ୍ଦକମ୍ ଶର୍ମା ଓ ସଦସ୍ୟ ଅବସର ପ୍ରାପ୍ତ ବିଚାରପତି ବି.ଏନ.ଚତୁର୍ବେଦୀ ଓ ପ୍ରତୀଭାରାଣୀ ସାକ୍ଷୀଗୋପାଳଙ୍କୁ ତୁଳସି ଓ ଫୁଲମାଳ ଲାଗି କରି ଅଶିଷ କାମନା କରିଥିଲେ। ମନ୍ଦିର ବେଢ଼ା ପରିକ୍ରମା କରିବା ସମୟରେ ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କ କିମ୍ବଦନ୍ତୀ ସମ୍ପର୍କରେ ପଚାରି ବୁଝିଥିଲେ। ଜଳ ସମ୍ପଦ ବିଭାଗର ଯନ୍ତ୍ରୀ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧବକାରୀ କୈଳାସ ଚନ୍ଦ୍ର ମିଶ୍ର, ସିଂହାରୀ ସେବାୟତ ଅରବିନ୍ଦ ଖୁଣ୍ଟିଆ ଓ ସେବାୟତ ସଂଘ କର୍ମକର୍ତ୍ତା କମିଟି ସଦସ୍ୟଙ୍କୁ ମନ୍ଦିର ବୁଲାଇ ଦେଖାଇଥିଲେ।



ଶୁକ୍ରବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ଭକ୍ତମାନେ ଅରୁଣ ସ୍ତମ୍ଭ ନିକଟରେ ଅଟକି ରହିଛନ୍ତି।

## ■ କଣାସରେ ଖୋଲୁନି ଧାନମଣ୍ଡି

# ଦଲାଲ ମାଲାମାଲ, ଚାଷୀ ବେହାଲ

**କଣାସ, ୨୮।୧୨(ସ୍ୱ.ପ୍ର.)**

ପୁରୀ ଜିଲାର ସର୍ବାଧିକ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ କଣାସ ବ୍ଲକରେ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଖୋଲିନାହିଁ। ଫଳରେ ଚାଷୀମାନେ ଦଲାଲମାନଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ୨୦ଦିନ ହେଲା ବକୁ ସେବା ସମବାୟ ସମିତି, ମନ୍ଦାକିନୀ ସେବା ସମବାୟ ସମିତି, କୁଞ୍ଜେଶ୍ୱରୀ ସେବା ସମବାୟ ସମିତି, ସିରେଇ ସେବା ସମବାୟ ସମିତି, ତ୍ରିଲୋଚନପୁର ସେବା ସମବାୟ ସମିତି, ଗୋପବନ୍ଧୁ ସେବା ସମବାୟ ସମିତି ଗଡ଼ବଡ଼ପୁଟକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ମିଳିଛି। କିନ୍ତୁ ଉକ୍ତ ସମବାୟ ସମିତି ପକ୍ଷରୁ ଧାନକିଣା ଆରମ୍ଭ ହୋଇ ନ ଥିବାରୁ ଶୁକ୍ରବାର କଣାସ ବ୍ଲକ ଯୋଗାଣ ନିରୀକ୍ଷିକା ପ୍ରିୟମ୍ବଦା ବେହେରା ଧାନ କିଣିବାକୁ ନିର୍ଦ୍ଦେଶ ମିଳିଥିବା ସେବା ସମବାୟ ସମିତିଗୁଡିକୁ ଯାଇ ତୁରନ୍ତ ଧାନକିଣା ଆରମ୍ଭ କରିବାକୁ ଚାପ ପକାଉଥିବା ଦେଖିବାକୁ ମିଳିଛି। ସରକାରୀ ନିର୍ଦ୍ଦେଶ ମୁତାବକ, ଧାନ କୁଇଣ୍ଟାଲ ପିଛା ଏ-ଗ୍ରେଡ୍ ୧୭୭୦ ଟଙ୍କା, ବି-ଗ୍ରେଡ୍ ୧୭୫୦ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ମଣ୍ଡି ଖୋଲାଯାଇ ନ ଥିବାରୁ ଯେଉଁ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସେବା ସମବାୟ ସମିତି ଓ ଗାଁ ମହାଜନଠାରୁ ଋଣ କରିଥିଲେ ଋଣ ସୁଝିବା ପାଇଁ ବାଧହୋଇ ଗାଁ ଗହଳିର ବୁଲା ବେପାରୀଙ୍କୁ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷିକା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ବାରମ୍ବାର ମଣ୍ଡି ଖୋଲିବା ପାଇଁ ଉକ୍ତ ସେବା ସମବାୟ ସମିତିଗୁଡ଼ିକୁ ନିର୍ଦ୍ଦେଶ ଦେଉଛି। କିନ୍ତୁ ସେମାନେ ତାହା ଖୋଲିବାରେ ବିଳମ୍ବ କରୁଛନ୍ତି।

# ପାଇପ୍ ଫାଟି ଭାସୁଛି ଜଳ, ଅଧିକାରୀଙ୍କ ନିଘାନାହିଁ

**କଣାସ, ୨୮।୧୨(ସ୍ୱ.ପ୍ର.)**

ପୁରୀ ଜିଲାର ସର୍ବାଧିକ ଖାଲୁଆ ଅଞ୍ଚଳ ଭାବେ ପରିଚିତ ତଥା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହିଥାଏ। ଗ୍ରୀଷ୍ମ ସମୟରେ ଏହି ସମସ୍ୟା ଉଗ୍ରରୂପ ଧାରଣ କରୁଥିବାରୁ ଜିଲା ଓ ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼େ। କଣାସ ବ୍ଲକରେ ପାନୀୟଜଳ ଯୋଗାଇବା ପାଇଁ ୯ଶହରୁ ଊର୍ଦ୍ଧ୍ୱ ନଳକୂପ, ୬୦ରୁ ଊର୍ଦ୍ଧ୍ୱ ଗଭୀର କୂପମାନ ରହିଛି। ଅଧିକାଂଶ ନଳକୂପରୁ ଲୁଣିପାଣି ବାହାରୁଥିବାରୁ ତାହା ପାନୀୟ ଅନୁପଯୋଗୀ ଓ ଅର୍ଦ୍ଧାଧିକ ନଳକୂପ ଭାଙ୍ଗିରୁଜି ଯାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେବାପରେ କେତୋଟି ହାତଗଣତି ସ୍ଥାନରେ ପାଇପ୍ ଜଳ ପ୍ରକଳ୍ପମାନ ଖୋଲାଯାଇ ଜଳ ଯୋଗାଣ କରାଯାଉଛି। ଅନେକ ସ୍ଥାନରେ ପାଇପ୍ ଫାଟି ପାଣି ବାହାରୁଥିଲେ ମଧ୍ୟ ତାହା ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟିକୁ ଆସୁନାହିଁ। ସେହିପରି ପାଇପ ଜଳ ପ୍ରକଳ୍ପରେ ବସିଥିବା ବିଶୋଧନ ଯନ୍ତ୍ର ଅଚଳ ହୋଇପଡ଼ିଥିବାରୁ ସିଧାସଳଖ ନଦୀର ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କରିବା ପାଇଁ ପାଇପ ଯୋଗେ ଯୋଗାଇ ଦିଆଯାଉଛି। ଅନେକ ଗ୍ରାମରେ ଟ୍ୟାପ୍ ବସିଥିଲେ ମଧ୍ୟ ସେଥିରେ ଚାବି ଲଗାଯାଇ ନ ଥିବାରୁ ପାଇପ୍‌ଜଳ ପ୍ରକଳ୍ପ ଚାଲୁ କରାଗଲେ ଟ୍ୟାପ୍‌ରୁ ଅନବରତ ଜଳ ବାହାରି ନଷ୍ଟ ହେଉଛି। ଏ ସମ୍ପର୍କରେ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ଜାଣି ନ ଥିଲି। ଏବେ ଶୁଣିବା ପରେ ସେଗୁଡିକୁ ଦେଖୁଛି।



ପାଇପ୍ ଫାଟି ପାଣି ବାହାରୁଛି।

# ଗୋଟିଏ ରାତିରେ ୫ଦୋକାନରୁ ଚୋରି

**କଣାସ, ୨୮।୧୨(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅନ୍ତର୍ଗତ ଅରିଶଲ ବଜାରରେ ଗୁରୁବାର ବିଳମ୍ବିତ ରାତିରେ ୫ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ କଟରରେ ତାଲା କାଟି ଦୋକାନରୁ ଚୋରି ନେଇଛନ୍ତି। ସୁଚିତ୍ର ମାଝିଙ୍କ ଦୋକାନରୁ ନଗଦ ୩ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ୨ଲକ୍ଷ ଟଙ୍କାର ଦାମି ସାମଗ୍ରୀ, ସୁବ୍ରତ ମାଝିଙ୍କ ସାର ଓ କୀଟନାଶକ ଔଷଧ ଦେକାନରୁ ନଗଦ ୧୭ଶହ ଟଙ୍କା ଓ ୪ଟି ଡେମୋ ମୋବାଇଲ ଚୋରାଇ ନେଇଛନ୍ତି। ଶରତ ପାତାଳ ସିଂହଙ୍କ ପରିବା ଦେକାନରୁ ୧୭ହଜାର ଟଙ୍କା, ଅଖିଳ ପ୍ରଧାନଙ୍କ ପରିବା ଦୋକାନରୁ ନଗଦ ୪ହଜାର ଟଙ୍କା ଓ ଶ୍ରଦ୍ଧାନନ୍ଦ ପ୍ରଧାନଙ୍କ ଚାଉଳ ମିଲରୁ ୩ହଜାର ଟଙ୍କା ସହ ୨ଅଖା ଚାଉଳ ଚୋରାଇ ନେଇଛନ୍ତି।




ଶୋଭଯାତ୍ରାରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା ଓ ଅନ୍ୟମାନେ।

# ଭାଜପା କର୍ମୀଙ୍କ ମହମବତି ଶୋଭାଯାତ୍ରା

**ନିମାପଡ଼ା,୨୮।୧୨(ଡି.ଏନ୍.ଏ.)**

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ, ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ଘଟଣାର ସିବିଆଇ ତଦନ୍ତ, ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଇସ୍ତଫା ଦାବିରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ଭାଜପା କର୍ମୀ ନିମାପଡ଼ାଠାରେ ମହମବତୀ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ଭାଜପା କାର୍ଯ୍ୟାଳୟରୁ ବାହାରି ନିମାପଡ଼ା ସହର ପରିକ୍ରମା କରିଥିଲା। ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ନଗରମଣ୍ଡଳ ସଭାପତି ଦିଲ୍ଲୀପ ପାତ୍ର, ଏନଏସି ମହିଳାମୋର୍ଚ୍ଚା ସଭାନେତ୍ରୀ ମିନଲତା ମହାନ୍ତି, ମାନସ ପ୍ରଧାନ, ମିଲନ ମୁଖି, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ■ ଡାକ୍ତର ନ ଥିବାରୁ ରୋଗୀ ସେବା ବ୍ୟାହତ

# ଡେଲାଙ୍ଗ ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ

**କଣାସ, ୨୮।୧୨(ଡି.ଏନ୍.ଏ.)**

ଡେଲାଙ୍ଗ ପଞ୍ଚାୟତ ସମିତିର ୩ୟ ବୈଠକ ନବ ନିର୍ମିତ ବିଜୁପଟ୍ଟନାୟକ ସମ୍ମିଳନୀ ପ୍ରକୋଷ୍ଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ କ୍ଷିରୋଦ୍ର ପ୍ରଧାନ, ତହସିଲଦାର ରାଜେନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ ଜଳ ଓ ପରିମଳ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଣ୍ଡା, ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଶିଶୁ ବିକାଶ ଅଧିକାରୀଣି କାମିନୀପ୍ରଭା ସ୍ୱାଇଁ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଡା.ରମେଶ ଚନ୍ଦ୍ର ବେହେରା ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଯୋଗୁ ରୋଗୀ ସେବା ବ୍ୟାହାତ ହେଉଥିବା ନେଇ ବୈଠକରେ କହିଥିଲେ। ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସେ କୌଣସି ପଦକ୍ଷପ ନେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉଦ୍ୟାନ ଓ ମତ୍ସ୍ୟ ବିଭାଗୀୟ ଅଧିକାରୀମାନେ ଅଫିସକୁ ଠିକ୍ ସମୟରେ ଆସୁ ନ ଥିବା ଓ ଜନସାଧାରଣଙ୍କୁ ଠିକ୍ ତଥ୍ୟ ଦେଉ ନ ଥିବା ନେଇ ଜିଲାପରିଷଦ ସଭ୍ୟ ମଳୟ ମହାନ୍ତି ଅଧିକରୀ ମାନଙ୍କୁ ଅବଗତ କରିଥିଲେ। ସରପଞ୍ଚ ପ୍ରସନ୍ନ ଜେନା, ପ୍ରସନ୍ନ ପରିଡା, ବାଲୁଙ୍କେଶ୍ୱର ମହାପାତ୍ର, ସନ୍ଧ୍ୟାରାଣୀ ପରିଡ଼ା, ରଶ୍ମିତା ବେହେରା, କୁନିମଣି ରାଉତରାୟ, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଶୁକ୍ରବାର ସୂର୍ଯ୍ୟମନ୍ଦିର ଦର୍ଶନ ସାରି ଫେରୁଛନ୍ତି।

### ସେତୁ ନିର୍ମାଣ ନେଇ ଅସନ୍ତୋଷ: ସ୍ଥାନ ପରିବର୍ତ୍ତନ ଦାବି

**ବ୍ରହ୍ମଗିରି, ୨୮।୧୨(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁରଠାରେ ଭାର୍ଗବୀ ନଦୀରେ ନିର୍ମାଣ ହେଉଥିବା ସେତୁକୁ କେନ୍ଦ୍ରକରି ଅସନ୍ତୋଷ ଦେଖାଦେଇଛି। ସେଠାରେ ସେତୁ ନିର୍ମାଣ ହେଲେ ସେହି ଅଞ୍ଚଳର ପାରମ୍ପରିକ ମେଳଣର କ୍ଷତି ହେବା ଅଞ୍ଚଳ ଲୋକେ ଆଶଙ୍କା କରିଛନ୍ତି। ସେତୁର ସ୍ଥାନ ପରିବର୍ତ୍ତନ ନ ହୁଏ ତେବେ ମେଳଣର ସୁବିଧା ଓ ଗାଁରେ ସୁସମ୍ପର୍କ ବଜାୟ ରଖିବା ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପୂର୍ଣ୍ଣଚନ୍ଦ୍ର ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ବିଲକୁ ଖସିଲା ୧୦୮ ଆମ୍ବୁଲାନ୍ସ, ଚାଳକ ସମେତ ୩ ଆହତ

**ବ୍ରହ୍ମଗିରି, ୨୮।୧୨(ଡି.ଏନ୍.ଏ.)**

ରୋଗୀଙ୍କୁ ସେବା ଯୋଗାଇଦେବା ପାଇଁ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଶୁକ୍ରବାର ଭାରସାମ୍ୟ ହରାଇ ବିଲ ଭିତରକୁ ଖସି ପଡିଥିବା ବେଳେ ଚାଳକ, ଫାର୍ମାସିଷ୍ଟ ଓ ହେଲ୍‌ପର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ୫ଟା ସମୟରେ ୧୦୮ ଆମ୍ବୁଲାନ୍ସ (ନଂ.ଓଡି୦୨ଇ-୯୩୫୬) ବ୍ରହ୍ମଗିରି ବ୍ଲକର ଧ୍ୱଜାପାଟଣା ଗ୍ରାମକୁ ରୋଗୀ ଆଣିବା ପାଇଁ ଯାଉଥିଲା। ବ୍ରହ୍ମଗିରି ସାନବନ୍ଧକେରା ରାସ୍ତାର ବାଲିଘାଇ ଛକଠାରେ ଭାରସାମ୍ୟ ହରାଇ ବିଲକୁ ଓଲଟି ପଡିଥିଲା। ଚାଳକ ବିଶ୍ୱଭୂଷଣ ନାୟକ, ରତ୍ନାକର ନାୟକ, କୈଳାସ ପ୍ରଧାନ ଆହତ ହୋଇ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।




ବିଲ ଭିତରକୁ ଓଲଟି ପଡ଼ିଥିବା ଆମ୍ବୁଲାନ୍ସ।

# ମୁଖ୍ୟ ପ୍ରଶାସକଙ୍କୁ ସେବାୟତଙ୍କ ୫ ଦାବି

**ପୁରୀ ଅଫିସ,୨୮।୧୨**

ଶ୍ରୀମନ୍ଦିର ପରମ୍ପରା ଓ ସେବାୟତଙ୍କୁ ଅସମ୍ମାନ ସମ୍ପର୍କରେ ସେବାୟତମାନେ ମୁଖ୍ୟ ପ୍ରଶାସକଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ଗାରଦ କମାଣ୍ଡରଙ୍କ ଜରିଆରେ ଦିଆଯାଇଥିବା ଏହି ଦାବିଗୁଡ଼ିକ ମଧ୍ୟରୁ ପ୍ରଥମ ଦାବି ହେଉଛି ୨୦୧୨ ଶ୍ରୀଗୁଣ୍ଡିଚା ବେଳେ ରଥ ପାଖରେ ପୋଲିସ ସେବାୟତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହାପରେ ପୋଲିସ ସେବାୟତଙ୍କୁ ବାରମ୍ବାର ଆକ୍ରମଣ ଏବଂ ଅସମ୍ମାନ କରିଆସୁଛି। ଦ୍ୱିତୀୟ ଦାବି ହେଉଛି ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାହିଦେଇ ପୋଲିସ ମାତ୍ରାଧିକ କ୍ଷମତାର ଅପବ୍ୟବହାର କରିଆସୁଛନ୍ତି ଏବଂ ସମସ୍ତଙ୍କୁ ବିଶୃଙ୍ଖଳିତ ଆଚରଣ ଦେଖାଉଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିରର ପ୍ରମୁଖ ସେବାୟତ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କୁ ସିଂହଦ୍ୱାର ପାଖରେ ଡ୍ୟୁଟିରେ ଥିବା ପୋଲିସ ମରଣାନ୍ତକ ଆକ୍ରମଣ କରିଛନ୍ତି। ସେବାୟତଙ୍କ ତୃତୀୟ ଦାବି ହେଉଛି ମହାପ୍ରଭୁଙ୍କ ନୀତି ଏବଂ ଭକ୍ତମାନଙ୍କ ସୁରକ୍ଷା ପାଇଁ ଭିତର ବେଢା ଓ ବାହାର ବେଢାରେ ଓଡ଼ିଶା ପୋଲିସଙ୍କୁ ଡ୍ୟୁଟି ଦିଆ ନ ଯାଉ। ଶ୍ରୀମନ୍ଦିର ପ୍ରତିହାରୀ ନିଯୋଗ ସହାୟତା, ଜେଟିପି ଓ ଜେଟିଏସ୍‌ଙ୍କ ଦ୍ୱାରା ଏହା ପରିଚାଳନା କରାଯାଉ। ଏହାଦ୍ୱାରା ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ। ଚତୁର୍ଥ ଦାବି ରହିଛି ଜଗମୋହନ ମରାମତି କାର୍ଯ୍ୟ ଅର୍ଥାତ୍ ୨୦୧୬ ଜାନୁୟାରୀ ୨୭ ତାରିଖ ପୂର୍ବରୁ ଶ୍ରୀମନ୍ଦିରରେ ଯେଉଁଭଳି ରୀତି, ନୀତି, ପରମ୍ପରା ଚାଲିଆସୁଥିଲା ପୁନର୍ବାର ସେହିଭଳି ଅକ୍ଷୁଣ୍ଣ ରଖାଯାଉ। ସେବାୟତମାନଙ୍କ ଶେଷ ଦାବି ହେଉଛି ଶ୍ରୀମନ୍ଦିରରେ ଭିଆଇପି ପ୍ରଥା ଉଚ୍ଛେଦ କରାଯାଉ। ଅର୍ଥାତ୍ ବର୍ତ୍ତମାନର ଆରକ୍ଷୀ ଅଧୀକ୍ଷକଙ୍କ ସମୟରେ ଭିଆଇପି ଦର୍ଶନ ଆଳରେ ଯାତ୍ରୀ ପଣ୍ଡାଙ୍କ କାର୍ଯ୍ୟ ସରକାରୀ ପୋଲିସ କରୁଛନ୍ତି। ସେମାନେ ଧନୀ ଶ୍ରେଣୀର ଯାତ୍ରୀଙ୍କୁ ନେଇ ଦର୍ଶନ କରାଇ ଅର୍ଥ ଉପାର୍ଜନ କରୁଛନ୍ତି। ଏହାକୁ ବନ୍ଦ କରାଯାଉ। କେବଳ ଶ୍ରୀମନ୍ଦିର ପ୍ରଶାସନ ଯାହାଙ୍କୁ ଭିଆଇପି ଭାବେ ସ୍ୱୀକୃତି ଦେବେ ତାଙ୍କୁ ସେବକମାନଙ୍କ ମାଧମରେ ଭିଆଇପି ଦର୍ଶନ ସୁବିଧା ଦିଆଯାଉ। ଏହି ଦାବିଗୁଡ଼ିକର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଶାନ୍ତିପୂର୍ଣ୍ଣ ଅସହଯୋଗ ଜାରି ରହିବ ବୋଲି ସେବାୟତମାନେ ଏଥିରେ ଉଲ୍ଲେଖ କରିଛନ୍ତି।